## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩ ଗୋରୁ ଜୀବନ୍ତ ଦଗ୍ଧ

ଆରଡ଼ି, ୧୬।୧୨ (ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ନାନ୍ଦପୁର ପଞ୍ଚାୟତ କୋଇଲଖା ଗ୍ରାମର ପ୍ରଭାତ ବିଶ୍ୱାଳଙ୍କ ଗୁହାଳରେ ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗି ୩ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଗୁହାଳରେ ନିଆଁ ଲାଗିଯାଇଥିବା ଦେଖି ପରିବାର ଲୋକେ ଓ ଗ୍ରାମବାସୀ ବନ୍ଧା ଯାଇଥିବା ଗୋରୁଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଗୁହାଳରେ ଥିବା ୪ ଗାଈ ମଧ୍ୟରୁ ୩ଟି ଘଟଣାସ୍ଥଳରେ ପୋଡ଼ି ମରିଯାଇଥିବା ବେଳେ ଗୋଟିଏ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର ହୋଇଥିଲା। ଅଗ୍ନିଶମ ବାହିନୀଙ୍କୁ ଯୋଗାଯୋଗ କରିଥିଲେ ମଧ ସେମାନେ ଆସି ନ ଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି।

### ଜେଜେମା, ଜେଜେ ବାପା ସମ୍ମିଳନୀ

ଭଣ୍ଡାରିପୋଖରୀ, ୧୬।୧୨ (ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜେଜେ ମା' ଜେଜେବାପା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନ ଜେନାଙ୍କ ଅଧକ୍ଷତାରେ ଶିକ୍ଷାନୁଷ୍ଠାନର ସଭାପତି ରାଧାଶ୍ୟାମ ସାହୁ, କିଶୋର ଚନ୍ଦ୍ର ଦାସ ଯୋଗଦେଇ ଏହି ସମ୍ମିଳନୀର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ନାଟିକା କସ୍ତୁରିକା ପାଣିଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ହୋଇଥିଲା। ଓମ୍‌ପ୍ରକାଶ ସ୍ୱାଇଁ, ପ୍ରିୟା ପ୍ରିୟଦର୍ଶିନୀ ଦାସ, ପୁନମ୍ ପ୍ରିୟଦର୍ଶିନୀ ଦାସ, ସୌମ୍ୟରଞ୍ଜନ ପତି, ନୀହାର ରଞ୍ଜନ ନାୟକ, ସାଇମୋନାଲିକା ରାଉତ, ଗୌରବ ଜେନା ଶିଶୁ କଳାକାର ଭାବେ ଅଭିନୟ କରିଥିଲେ। ଶେଷରେ ରଞ୍ଜୁଲତା ବାରିକ ଧନ୍ୟବାଦ ଦେଇଥିଲେ।

■ ହାଇକୋର୍ଟରେ ହେବ ନିରଞ୍ଜନ ହତ୍ୟାକାଣ୍ଡର ବିଚାର

# ବିଧାୟକଙ୍କ ସମେତ ୬ ଜଣଙ୍କୁ ନୋଟିସ

ଭଦ୍ରକ ଅଫିସ, ୧୬।୧୨

## ମୁକ୍ତିକାନ୍ତଙ୍କ ପାଇଁ ବଢିଲା ଅଡୁଆ

ବହୁଚର୍ଚ୍ଚିତ ନିରଞ୍ଜନ ଜେନା ଓରଫ ଛୁଞ୍ଚିଆ ହତ୍ୟାକାଣ୍ଡ ମାମଲାର ଗତ ଜୁନ ୩୦ ତାରିଖରେ ଭଦ୍ରକ ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ରାୟ ପ୍ରକାଶ ପାଇଥିଲା। ଏହି ରାୟରେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ଅଭିଯୁକ୍ତ ତାଲିକାରେ ଥିବା ୬ ଜଣଙ୍କୁ ପ୍ରମାଣ ଅଭାବରୁ ଖଲାସ କରାଯାଇଥିଲା। କିନ୍ତୁ ମୃତକଙ୍କ ପରିବାର ପକ୍ଷରୁ ଏହି ରାୟକୁ ଚ୍ୟାଲେଞ୍ଜ କରି ପୁନର୍ବିଚାର ପାଇଁ ହାଇକୋର୍ଟଙ୍କ ଆଶ୍ରୟ ନିଆଯାଇଥିଲା। ହାଇକୋର୍ଟ ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତିକରି ବିଚାର ଲାଗି ଏହି ୬ ଜଣଙ୍କୁ କୋର୍ଟରେ ହାଜର ହେବାକୁ ନୋଟିସ୍ ଜାରି କରିଛନ୍ତି। ଏହି ନୋଟିସ୍ ପରେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପାଇଁ ପୁଣି ଅଡୁଆ ବଢିଛି।

ପ୍ରକାଶ ଯେ, ୨୦୦୨ ନଭେମ୍ବର ୨ରେ ବାସୁଦେବପୁର ସୁଗୋ ଗ୍ରାମର ନିରଞ୍ଜନ ଜେନା ଓରଫ ଛୁଞ୍ଚିଆଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଛୁଞ୍ଚିଆଙ୍କ ଦାଦା ଦୁଃଶାସନ ବାସୁଦେବପୁର ଥାନାରେ ବର୍ତ୍ତମାନର ବିଧାୟକ ମଣ୍ଡଳଙ୍କ ସମେତ ୬ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଏହି ମାମଲାରେ ମୁକ୍ତିକାନ୍ତ ଓ ନେପାଳ ବାରିକଙ୍କ ନାମକୁ ବାଦ୍ ଦେଇ ଅନ୍ୟ ୪ ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ କରିଥିଲା। ଅଭିଯୋଗକାରୀ ଦୁଃଶାସନ ବାସୁଦେବପୁର ପୋଲିସର କାର୍ଯ୍ୟକୁ ନାପସନ୍ଦ କରି ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମୁକ୍ତିକାନ୍ତ ଓ ନେପାଳଙ୍କୁ ଅଭିଯୁକ୍ତ ଭାବେ ଗ୍ରହଣ କରି ମାମଲାର ବିଚାର ୬ ମାସ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଅତିରିକ୍ତ ଜିଲାଜଜ୍‌ଙ୍କ କୋର୍ଟରେ ଛୁଞ୍ଚିଆ ହତ୍ୟାକାଣ୍ଡ ମାମଲାର ବିଚାର ହୋଇ ଗତ ଜୁନ୍ ୩୦ରେ ରାୟ ପ୍ରକାଶ ପାଇଥିଲା। ବିଧାୟକଙ୍କ ସମେତ ୬ ଅଭିଯୁକ୍ତଙ୍କୁ କୋର୍ଟ ପ୍ରମାଣ ଅଭାବରୁ କ୍ଲିନଚିଟ୍ ପ୍ରଦାନ କରିଥିଲେ। ପ୍ରମାଣ ଅଭାବରୁ ବିଧାୟକ ମଣ୍ଡଳ, ବସନ୍ତ ନାୟକ, ରଘୁନାଥ ଜେନା, କୈଳାସ ନାୟକ, ଜୟକୃଷ୍ଣ ରାଉତ ଏବଂ ନେପାଳ ବାରିକ ଖଲାସ ହୋଇଥିଲେ।

## ମନ୍ଦିରରେ ଅଗ୍ନିକାଣ୍ଡ: ପୋଡ଼ିଗଲେ ଶ୍ରୀଜୀଉ



ଜଳିଯାଇଥିବା ଶ୍ରୀଜୀଉଙ୍କ ମୂର୍ତ୍ତି।

ଭଣ୍ଡାରିପୋଖରୀ, ୧୬।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ସରପଦା ଗ୍ରାମଠାରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଅଗ୍ନିକାଣ୍ଡ ଘଟି ଠାକୁରଙ୍କ ଏକ କାଠ ଖଟୁଲି ସମେତ ଶ୍ରୀଜୀଉ ଜଳିଯାଇଛନ୍ତି। ରବିବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ବେଳେ ମନ୍ଦିର ଭିତରୁ ଧୂଆଁ ବାହାରୁଥିବା ଗ୍ରାମର ଶୁଭେନ୍ଦୁ ସାହୁ ଦେଖିଥିଲେ। ସେ କବାଟ ଖୋଲି ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରାଙ୍କ ମୂର୍ତ୍ତି ସମେତ ଏକ ଖଟୁଲି ପୋଡ଼ି ଯାଇଥିବା ଦେଖିଥିଲେ। ଖବର ପାଇ ଗ୍ରାମବାସୀ ସେଠାରେ ରୁଣ୍ଡ ହୋଇଥିଲେ। ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଠାକୁରଙ୍କ ମୂର୍ତ୍ତି ପୋଡିଯିବାରୁ ଗ୍ରାମରେ କେହି ରନ୍ଧାବଢ଼ା କରି ନ ଥିଲେ। ମନ୍ଦିର ପ୍ରତିଷ୍ଠାତାଙ୍କ ଧର୍ମପତ୍ନୀ ଏଭଳି ଘଟଣାରେ ମର୍ମାହତ ହୋଇ କାନ୍ଦି ପକାଇଥିଲେ। ଗ୍ରାମର କେତେକ ବ୍ୟକ୍ତି ଏ ସମ୍ପର୍କରେ ସବିଶେଷ ବୁଝିବା ପାଇଁ ପୁରୀ ମୁକ୍ତି ମଣ୍ଡପକୁ ଯାଇଥିବା ଜଣାଯାଇଛି।

# ତୂଳୀରେ ଓଡ଼ିଶାର ପାର୍ବଣ

ଭଦ୍ରକ ଅଫିସ, ୧୬।୧୨

ଭଦ୍ରକ ଜିଲା ଚରମ୍ପା ସରସ୍ୱତୀ ଶିଶୁମନ୍ଦିର ପରିସରରେ ରବିବାର ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ତରଫରୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀ (କ) ବର୍ଗ ପାଇଁ 'ନିଜ ମନରୁ ଛବିଟିଏ', ଚତୁର୍ଥରୁ ସପ୍ତମ (ଖ) ବର୍ଗ ପାଇଁ 'ଓଡ଼ିଶାର ପର୍ବପର୍ବାଣି', ଅଷ୍ଟମରୁ ଦଶମ (ଗ) ବର୍ଗ ପାଇଁ 'ମାନବ ସେବା ହିଁ ମାଧବ ସେବା' ବିଷୟବସ୍ତୁ ରହିଥିଲା। ମୋଟ ୧୯୮ ବିଦ୍ୟାର୍ଥୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଚତୁର୍ଥରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ର ଆଙ୍କିଥିବା ଓଡ଼ିଶାର ପର୍ବପର୍ବାଣୀ ସମ୍ପର୍କିତ ଚିତ୍ର ବେଶ୍ ଆକର୍ଷଣୀୟ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ଜାନୁୟାରୀ ୧୨ ତାରିଖରେ ଯୁବ ଦିବସରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଛି। ଅଧ୍ୟାପକ ଚିନ୍ତାମଣି ମହାକୁଡ, ବିନାୟକ ଘୋଷ, ରବୀନ୍ଦ୍ର ଦାସ, ଶିକ୍ଷକ ପ୍ରଦୀପ୍ତ କୁମାର ବେହେରା, ସୁବାସ ରାଉତ ଓ ଶିକ୍ଷୟିତ୍ରୀ ସ୍ମିତାରାଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଚିତ୍ରାଙ୍କନରେ ଭାଗ ନେଲେ ୧୦୭୦ ପ୍ରତିଯୋଗୀ



ଶାରଦା ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ର ଚିତ୍ରାଙ୍କନ କରୁଛନ୍ତି।

ଭଣ୍ଡାରିପୋଖରୀ, ୧୬।୧୨ (ଡି.ଏନ.ଏ.)

ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ରବିବାର ଭଣ୍ଡାରିପୋଖରୀ ବ୍ଲକର ୫ଟି ସ୍ଥାନରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୩ଟି ବର୍ଗରେ ପ୍ରତିଯୋଗିତା ହୋଇଥିବା ବେଳେ ମୋଟ ୧୦୭୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶାରଦା ବିଦ୍ୟାମନ୍ଦିରଠାରେ ପବନ କୁମାର ନାୟକ ଓ ନିର୍ମଳ କୁମାର ସେନାପତିଙ୍କ ତତ୍ତ୍ୱାବଧାନରେ ୨୯୦, ମଞ୍ଜୁରିରୋଡସ୍ଥିତ ରାଜେନ୍ଦ୍ରପୁର ଶିଶୁମନ୍ଦିରରେ ଶ୍ରୀପତି ଜେନା ଓ ତପନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୧୪୨ ପ୍ରତିଯୋଗୀ ଭାଗ ନେଇଥିଲେ। ସେହିପରି ଷୋଳମପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ବିଶ୍ୱମ୍ଭର ରାଉତ, ସୁରେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ୧୬୦, ବନ୍ଦାଳୋସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଭରତ ଚନ୍ଦ୍ର ନନ୍ଦଙ୍କ ତତ୍ତ୍ୱାବଧାନରେ ୧୧୧, କୁଲଣାସ୍ଥିତ ବିଶୋଳ କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠରେ ବିଜୟ ମହାପାତ୍ର ଓ ହୃଷୀକେଶ ବାରିକଙ୍କ ତତ୍ତ୍ୱାବଧାନରେ ୩୬୭ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବ୍ଲକର ସବୁ ବିଦ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଗଜେନ୍ଦ୍ର ସାହୁ ନେତୃତ୍ୱ ନେଇଥିଲେ।

## ସରକାରୀ ଯୋଜନା ନେଇ ସଚେତନତା

ବନ୍ତ, ୧୬।୧୨ (ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାର ସ୍ୱଚ୍ଛତା, ବିଶ୍ୱସନୀୟତା ଓ ପ୍ରଶାସନର ଉତ୍ତରଦାୟିତ୍ୱ ବିଷୟରେ ରବିବାର ବନ୍ତ ବ୍ଲକ ବଡବର୍ଚ୍ଛିକୟାଁ ପଞ୍ଚାୟତରେ ଅନୁଷ୍ଠିତ 'ପିଠା' କାର୍ଯ୍ୟକ୍ରମରେ ବିଡିଓ ରେବିକା ବିଲୁଙ୍ଗ ଲୋକଙ୍କୁ ସଚେତନ କରାଇଥିଲେ। ସରପଞ୍ଚ ବିଷ୍ଣୁମୋହନ ଜେନାଙ୍କ ସଭାପତିତ୍ୱ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତାରାଣୀ ପାଣିଗ୍ରାହୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୋଡାଲ ଅଫିସର ଦେବେନ୍ଦ୍ର ନାଏକ, ସମିତିସଭ୍ୟା ସତ୍ୟଭାମା ଗିରି, ନାଏବ ସରପଞ୍ଚ ସନ୍ଧ୍ୟାରାଣୀ ମହାନ୍ତି, ସାମାଜିକ କର୍ମୀ ବସନ୍ତ ଖିଲାର, ଶିକ୍ଷାବିତ୍ ପ୍ରଦୀପ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଜୀବିକା ମିଶନ, ବିଦ୍ୟୁତ୍, ସ୍ୱାସ୍ଥ୍ୟ ଓ କୃଷି ବିଭାଗ ଅଧିକାରୀମାନେ ଯୋଗଦେଇ ନିଜ ବିଭାଗ ସମ୍ପର୍କରେ ସଚେତନ କରାଇଥିଲେ। ସମସ୍ତ ୱାର୍ଡର ସଭ୍ୟ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି ଓ ଆଶାକର୍ମୀ ଉପସ୍ଥିତ ଥିଲେ।

## ଆରମ୍ଭ ହେଲା ସୁରେଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ



କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବନ୍ତ, ୧୬।୧୨ (ଡି.ଏନ.ଏ.)

ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ମଙ୍ଗୁଲିଠାରେ ୨ୟ ବାର୍ଷିକ ସୁରେଶ ରାଉତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗୁଲି କ୍ରିକେଟ ଆସୋସିଏଶନ ଓ ମା' ତାରିଣୀ ସେବା ସଦନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଭଣ୍ଡାରିପୋଖରୀ କଂଗ୍ରେସ ନେତା ସୁବ୍ରତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ସରପଞ୍ଚ ଚିନ୍ତାମଣି ଘଡେଇ, ଯୁବ କଂଗ୍ରେସର ଜିଲା ସଭାପତି ପ୍ରଦ୍ୟୁମ୍ନ ଦାସ, ୧୬ ନମ୍ବର ଜୋନ୍ ସଭାପତି ନିରଞ୍ଜନ ମଲ୍ଲିକ, ୧୫ ନମ୍ବର ଜୋନ୍ ସଭାପତି ଅନନ୍ତ ଦାସ, ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀଧର ସାହୁ, ସାମାଜିକ କର୍ମୀ ପ୍ରଫୁଲ୍ଲ ରାଉତ, ମଣିଭଦ୍ର ବିଶ୍ୱାଳ, ଲମ୍ବୋଦର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ସୁରେଶ ରାଉତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ୮ଟି ଟିମ୍ ଭାଗ ନେଇଛନ୍ତି। ପ୍ରଥମ ମ୍ୟାଚ୍ କେନ୍ଦୁଝର ହାଟଡିହୀ ବନାମ ବୋଡକ ମହାଜିବ୍ ଏବଂ ୨ୟ ମ୍ୟାଚ୍ ଓଡଙ୍ଗ ବନାମ କାଦୋବରାଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହାଟଡିହୀ ଓ କାଦବରାଙ୍ଗ ଟିମ୍ ବିଜୟୀ ହୋଇଛନ୍ତି। ଅମ୍ପାୟର ଭାବେ ଭବାନୀ ଶଙ୍କର ବିଶ୍ୱାଳ, ପ୍ରମୋଦ ରାଉତ, ଅକ୍ଷୟ ରାଉତ, ନୃସିଂହ ନାଥ, ଭାଷ୍ୟକାର ଭାବେ ସୁକାନ୍ତ ବେହେରା, ଦାଶରଥି ପରିଡା, ବିଜୟ ପରିଡା, ସ୍କୋରର ଭାବେ ଦୀପକ ରାଜ, ଜିତେନ୍ଦ୍ର ନାୟକ, ବିକାଶ ପରିଡା ଦାୟିତ୍ୱ ତୁଲାଇଥିଲେ। ସଞ୍ଜୟ ପରିଡା, ଚିନ୍ମୟ ଘଡେଇ, ରାଜେଶ ପରିଡା ପ୍ରମୁଖ ସହାୟତା କରିଥିଲେ।

## ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ

ତିହିଡ଼ି, ୧୬।୧୨ (ଡି.ଏନ.ଏ.)

ତିହିଡ଼ି ବ୍ଲକ ଅଚକ ପଞ୍ଚାୟତ ନନ୍ଦପୁର ବଜାରରେ ୟୁକୋ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଦୋଳସାହି ୟୁକୋ ବ୍ୟାଙ୍କ ଶାଖା ପରିଚାଳିକା ପ୍ରବୀଣା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସହ ଶାଖା ପରିଚାଳକ କିରଣ କୁମାର ପାଣିଗ୍ରାହୀ, ବ୍ୟାଙ୍କ କର୍ମଚାରୀ ସୁଦୀପ୍ତା ବେହେରା, କାଳନ୍ଦୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅମୂଲ୍ୟ କୁମାର ମାଝୀ, ନିଶିକାନ୍ତ ଭଞ୍ଜରାୟ, କମଳାକାନ୍ତ ସାହୁ, ପ୍ରିୟରଞ୍ଜନ ସାହାଣୀ ଓ ନାରାୟଣ ଚନ୍ଦ୍ର ସାହାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଗ୍ରାହକ ସେବାକେନ୍ଦ୍ରରେ ୟୁକୋ ବ୍ୟାଙ୍କର ସମସ୍ତ ସୁବିଧା ସୁଯୋଗ ଗ୍ରାହକଙ୍କୁ ଯୋଗାଇ ଦିଆଯିବ। ନନ୍ଦପୁର, ସାନ୍ତରାପୁର, ବରୁଣେଇ, ଅଚକ ଆଦି ରାଜସ୍ୱ ଗ୍ରାମର ଗ୍ରାହକମାନେ ଏଠାରୁ ସୁବିଧା ପାଇପାରିବେ ବୋଲି କୁହାଯାଇଥିଲା।

## 'ଆମ୍ବେଡ୍‌କରଙ୍କ ଆଦର୍ଶ ଅନୁସରଣୀୟ'

ଭଦ୍ରକ ଅଫିସ, ୧୬।୧୨

ଭଦ୍ରକ ଜିଲା ଦଳିତ ମହାସଂଘ ପକ୍ଷରୁ ରବିବାର ଜିଲାସ୍ତରୀୟ ଦଳିତ ସମାବେଶ ଏବଂ ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଆମ୍ବେଡ୍‌କରଙ୍କ ୬୩ତମ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ଜିଲା ସଭାପତି ରାଜେନ୍ଦ୍ର ପ୍ରସାଦ ଜେନା ଅଧକ୍ଷତା କରିଥିଲେ। ସତ୍ୟପ୍ରକାଶ ସେଠୀ ମୁଖ୍ୟଅତିଥି, ଅଗଣି ଜେନା ମୁଖ୍ୟବକ୍ତା ଏବଂ ଆଇନଜୀବୀ ତାହେର ମହମ୍ମଦ, ଅମିତାବାଲା ଆଚାର୍ଯ୍ୟ, ସମାଜସେବୀ ଜମ୍ବୁବତୀ ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଆମ୍ବେଡ୍‌କରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆମ୍ବେଡ୍‌କରଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦଳିତ ସମାଜର ଉତ୍‌ଥାନ ସମ୍ଭବ। ତାଙ୍କ ଆଦର୍ଶକୁ ଅନୁସରଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଗିରିଧାରୀ ନାଥ, ଶରତ ମହାକୁଡ, ଧନେଶ୍ୱର ମଲ୍ଲିକ, ଅକ୍ଷୟ ମଲ୍ଲିକ, ରାମହରି ଦାସ, ଉମାକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତା ଜଗନ୍ନାଥ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ପରିଚାଳନା କରିଥିଲେ ଯୁବ କର୍ମୀ ମନୋଜ ମଲ୍ଲିକ। ଏହି ଅବସରରେ ଖବରଦାତା ଜ୍ଞାନପ୍ରକାଶ ପାଣି, ସମାଜସେବୀ ଏନାମୁଲ ହକ ଖାଁ, ବିଶିଷ୍ଟ ମୃଦଙ୍ଗ ବାଦକ ଧନେଶ୍ୱର ଜେନା ଏବଂ ବିଏସ୍ଏସ୍ ସଙ୍ଗଠନକୁ 'ଦଳିତ ସମାଜର ଦରଦୀବନ୍ଧୁ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।






ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୧୭ ଡିସେମ୍ବର, ୨୦୧୮

ସମୟ – ସକାଳ ଘ.୮ .୩୦ମି.

ପାୱାର ହାଉସ୍ ଛକସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସାଧାରଣ ସଭା

ସମୟ – ସନ୍ଧ୍ୟା ଘ.୫.୩୦ ମି. ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଅନନ୍ତ ଦାସ
ମାନ୍ୟବର ଉଚ୍ଚଶିକ୍ଷା ଓ ଶିଳ୍ପ ମନ୍ତ୍ରୀ

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ
ମାନ୍ୟବର ବିଧାୟକ

ମୁଖ୍ୟ ବକ୍ତା – ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

ଧନ୍ୟବାଦ ଅର୍ପଣ – ଡ. ରଜନୀକାନ୍ତ ବିଶ୍ୱାଳ, (ଓ.ଏ.ଏସ୍.)
ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସମ୍ପାଦକ

ମୁଖ୍ୟ ଅତିଥିଙ୍କ ଦ୍ୱାରା ବକ୍ତୃତା ଓ ପ୍ରବନ୍ଧ ପ୍ରତିଯାଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ଭୈରବୀ ସଙ୍ଗୀତ ମୂର୍ଚ୍ଛନା ଅନୁଷ୍ଠାନର ଜୟଲକ୍ଷ୍ମୀ ମିଶ୍ର ଓ ସାଥି କଳାକାରମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ,
ସୂଚନା ଓ ଲୋକସମ୍ପର୍କ ବିଭାଗ

DADLS-221
15001/13/0496/1819

ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ୧୭ ଡିସେମ୍ବର, ୨୦୧୮



## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ ଶିଶୁ ମେଳା

**କପ୍ତିପଦା,୧୬।୧୨(ଡି.ଏନ୍.ଏ) :** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ଓ କପ୍ତିପଦା ବ୍ଲକ୍ ସଙ୍ଗଠନ ସହଯୋଗରେ ବ୍ଲକ୍‌ସ୍ତରୀୟ ଶିଶୁମେଳା ଯୁଗଳକିଶୋର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଓଷ୍ଟାର ପ୍ରାକ୍ତନ କାର୍ଯ୍ୟକାରିଣୀ ସଦସ୍ୟ ତଥା ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠା ତଥା ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ଯୁଗଳକିଶୋର ସାହୁ ଓ ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସେହିପରି କପ୍ତିପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୀୟରଞ୍ଜନ ଦାସଙ୍କ ଅଧକ୍ଷତାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ଓଷ୍ଟାର ଜିଲା ସଂପାଦକ ଭରତ ଚନ୍ଦ୍ର ବରାଳ ଯୋଗ ଦେଇ ଶିଶୁର ମାନସିକ ଓ ବୌଦ୍ଧିକ ବିକାଶ କ୍ଷେତ୍ରରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟବକ୍ତାଭାବେ ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଳରାମ ଦାସ, ସମ୍ମାନିତ ଅତିଥିଭାବେ କୋକିଳ ଚନ୍ଦ୍ର ମହାନ୍ତ ଯୋଗ ଦେଇ ସଂଗଠନ ତଥା ଶିଶୁ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୨୨ ଓ ୨୩ ତାରିଖରେ ବଡ଼ସାହି ବ୍ଲକ୍ ଅନ୍ତର୍ଗତ ବୀରେଶ୍ୱରପୁର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଓଷ୍ଟା ସୂତ୍ରରୁ ପ୍ରକାଶ ।

# ତେଜିଲା ଦୋଷାରୋପ ରାଜନୀତି

**ବାରିପଦା ଅଫିସ,୧୬।୧୨**



ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ।

- ୧୮ରେ ଭାଜପାର ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରା
- ଜିଲାରେ ଡାକ୍ତର ପଦବୀ ପୂରଣ, ଓପିଏସସି କୋଚିଂ ସେଣ୍ଟର ପ୍ରତିଷ୍ଠା ଦାବି
- ରେଳ ସେବା କ୍ଷେତ୍ରରେ ଉପେକ୍ଷା କଥା ଉଠାଇଲା ବିଜେଡି

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସବୁବେଳେ ମୟୂରଭଞ୍ଜ ଜିଲା ଉପେକ୍ଷିତ ହେଉଛି। ରାଜ୍ୟର ବିଜେଡି ସରକାର ଏହି ଜିଲା ପ୍ରତି ଅବହେଳା ପ୍ରଦର୍ଶନ କରୁଛି। ଫଳରେ ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲା ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସବୁଠୁ ପଛୁଆ ବୋଲି ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହିତ ଏହି ଦଳ ପକ୍ଷରୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ୨ ଦଫା ଦାବି ପୂରଣ ନେଇ ଆସନ୍ତା ୧୮ ତାରିଖ ମଙ୍ଗଳବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ମୟୂରଭଞ୍ଜ ଜିଲା ବନ୍ଦ ଡକାରା ଦିଆଯାଇଛି। ବାରିପଦା ତକତପୁର ଛକ ସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଜିଲା ସଭାପତି ଡା.କୃଷ୍ଣଚନ୍ଦ୍ର ମହାପାତ୍ର ବିଭିନ୍ନ ଅଭିଯୋଗ ଓ ଦାବି ସମ୍ପର୍କରେ ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅପରପକ୍ଷରେ ବିଜେଡି ମଧ୍ୟ ଏକ ଖବରଦାତା ସମ୍ମିଳନୀରେ ଭାଜପାକୁ ପାଲଟା ସମାଲୋଚନା କରିଛନ୍ତି । ରେଳ ସେବା କ୍ଷେତ୍ରରେ କେନ୍ଦ୍ର ନେତୃତ୍ୱଧୀନ ଭାଜପା ସରକାର ସବୁବେଳେ ମୟୂରଭଞ୍ଜ ଜିଲାକୁ ଉପେକ୍ଷା କରୁଥିବା ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ଏବେ ଜିଲା ରାଜନୀତି ସରଗରମ ହୋଇଛି।

ଜିଲା ସଭାପତି ଡା. ମହାପାତ୍ରଙ୍କ ଅଭିଯୋଗ ମୁତାବକ ନିକଟରେ ରାଜ୍ୟର ୭ଟି ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) କୋଚିଂ ସେଣ୍ଟର ଖୋଲାଯିବା ନେଇ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ହେଲେ ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ ଏଥିରୁ ବାଦ ପଡିଛି। ଏହା ଫଳରେ ଉଚ୍ଚ ଶିକ୍ଷିତ ଆଦିବାସୀ ଛାତ୍ରୀଛାତ୍ରମାନେ ଏହି କୋଚିଂ ପାଇବାରୁ ବଞ୍ଚିତ ହେବେ। ଆଦିବାସୀଙ୍କୁ ନେଇ ସବୁ ବେଳେ ରାଜନୀତି କରୁଥିବା ବିଜେଡି କିନ୍ତୁ ଏଭଳି ନିଷ୍ପତ୍ତି ନେଇ ଜିଲାର ଆଦିବାସୀ ସମ୍ପ୍ରଦାୟକୁ ଅପମାନ କରିଛି ବୋଲି ମଧ୍ୟ ସେ କହିଛନ୍ତି। ସେହିପରି ଜିଲାର ସ୍ୱାସ୍ଥ୍ୟ ସେବା କଥା ନ କହିବା ଭଲ। ଜିଲାରେ ୪୦୩ ଟି ଡାକ୍ତର ପଦବୀ ଥିବା ବେଳେ ୨୨୦ ଟି ପଦବୀ ଖାଲି ରହିଛି। ଏପରିସ୍ଥଳେ ୪୬ ଜଣ ଡାକ୍ତରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଭାଜପା ପକ୍ଷରୁ ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଆବଶ୍ୟକ ଡାକ୍ତର ଜିଲାରେ ନ ଥିବାରୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଣୁ ଜିଲା ଭାଜପା ପକ୍ଷରୁ ଦୁଇ ଦାବି ନେଇ ୧୮ ତାରିଖ ମଙ୍ଗଳବାର ୧୨ ଘଣ୍ଟିଆ ମୟୂରଭଞ୍ଜ ଜିଲା ବନ୍ଦ ଡାକରା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀର ଜିଲା ଭାଜପା ଉପସଭାପତି ପ୍ରରେଶ ଚନ୍ଦ୍ର ମହାନ୍ତ, ସୁବାସ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ମତ ରଖି ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି କହିଛନ୍ତି ଯେ, ଭାଜପା ଔଷଧ ବିକଳରେ ତାଟିଆ କାମୁଡୁଛି। ନିକଟରେ ବିଜାତଳା ଉପନିର୍ବାଚନରେ ବିଜେଡି ଠାରୁ ଶୋଚନୀୟ ପରାଜୟ ବରଣ କରିଥିବାରୁ ଜିଲାରେ ସ୍ଥିତି ଜାହିର କରିବା ପାଇଁ ଭାଜପା ଏଭଳି କାର୍ଯ୍ୟକ୍ରମ କରୁଛି। ରାଜ୍ୟ ସରକାର ସବୁ ବେଳେ ମୟୂରଭଞ୍ଜବାସୀଙ୍କ ସହିତ ଅଛନ୍ତି । ବାରିପଦା ଭପୁର ଠାରୁ ପୁରୀ ଚଳାଚଳ କରୁଥିବା ସ୍ୱତନ୍ତ୍ର ସାପ୍ତାହିକ ଟ୍ରେନ ବନ୍ଦ କରି କେନ୍ଦ୍ର ନେତୃତ୍ୱାଧୀନ ଭାଜପା ସରକାର ମୟୂରଭଞ୍ଜବାସୀଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରିଛନ୍ତି । ପୂର୍ବରୁ ବହୁବାର ଦାବି ପରେ ଏହି ଟ୍ରେନ ଚଳାଚଳ କରୁଥିଲା। ବର୍ତ୍ତମାନ ଏହି ଟ୍ରେନକୁ ପ୍ରତିଦିନ ଚଳାଚଳ କରିବା ପାଇଁ ଆଗାମୀ ଦିନରେ ବିଜେଡି ପକ୍ଷରୁ ଜିଲାରେ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ଜିଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି ।

### ମୁକ୍ତ ଭାଷା ବିଜ୍ଞାନ ସମ୍ମିଳନୀ

**ବିଶୋଇ, ୧୬।୧୨ (ଡି.ଏନ.ଏ.):** ଭାରତୀୟ ସାନ୍ତାଳୀ ଯୁବ ସଙ୍ଗଠନ ଓ ଆତକିର ଏକାଡେମୀ ତତ୍ତ୍ୱାବଧାନରେ ବିଶୋଇ ବ୍ଲକ ଭାତଛତ୍ରଠାରେ ଅଞ୍ଚଳର ୨୪ ଗ୍ରାମର ସାନ୍ତାଳୀ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଭାଷା ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାନ୍ତାଳୀ ଭାଷା ଓ ଭାଷା ବିଜ୍ଞାନ ନିମନ୍ତେ ସୁନାରାମ ସରେନ ଓ ମାଝୀ ପାର୍ଗାନଙ୍କ ଭୂମିକା ଶୀର୍ଷକ ଆଲୋଚନା ହୋଇଥିଲା। ପାର୍ଗାନା ରଥିଆ ମାର୍ଣ୍ଡି, ସଂଗ୍ରାମ ମୁର୍ମୁ, ବାଇଚାନ୍ଦ ହାଁସଦା, ବିମଳ ସିଂ ମୁଣ୍ଡା ପ୍ରଥମେ ସେମିନାରକୁ ଉଦ୍‌ଘାଟନ କରିଥିଲେ।

### କମ୍ବଳ ବଣ୍ଟନ

**ବିଶୋଇ, ୧୬।୧୨ (ଡି.ଏନ.ଏ.):** ବିଶୋଇ ବ୍ଲକରେ ଅସହାୟଙ୍କୁ କମ୍ବଳ ବଣ୍ଟନ ଚାଲିଥିବା ବେଳେ ରବିବାର ବଡ଼ମଣଦା ପଞ୍ଚାୟତରେ କମ୍ବଳ ବଣ୍ଟନ କରାଯାଇଥିଲା । ମା' ଜଗତ ଜନନୀ ସେବାଟ୍ରଷ୍ଟ ପକ୍ଷରୁ ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ଈଶ୍ୱର ଚନ୍ଦ୍ର ବାରଦାଙ୍କ ସମେତ ଟ୍ରଷ୍ଟର କର୍ମକର୍ତ୍ତା ରମେଶ ଚନ୍ଦ୍ର ମହାନ୍ତ, ସୁଜିତ ମହାନ୍ତ, ବିଦ୍ୟାସାଗର ପାତ୍ର, ମନୋଜ ମାଝି ପ୍ରମୁଖ ପଞ୍ଚାୟତର ଦିବ୍ୟାଙ୍ଗ ଓ ଭତ୍ତା ପାଉଥିବା ବୃଦ୍ଧାବୃଦ୍ଧଙ୍କୁ ମାଗଣାରେ କମ୍ବଳ ବାଣ୍ଟିଥିଲେ ।

### ସର୍ବଭାରତୀୟ ଲେଟକଟ ଟି-୨୦ ଚାମ୍ପିୟନଶିପ

## ରାଇଜିଂ ଷ୍ଟୁଡେଣ୍ଟ କଟକ ଚାମ୍ପିୟନ


ବିଜେତା ଦଳର କ୍ୟାପଟେନ ପୁରସ୍କାର ଗ୍ରହଣ କରୁଛନ୍ତି।

**ବାରିପଦା ଅଫିସ,୧୬।୧୨:** ବାରିପଦା ଲେଟକଟ କ୍ଲବ ଦ୍ୱାରା ଆୟୋଜିତ ୨୮ ତମ ସର୍ବଭାରତୀୟ ଟି-୨୦ ଚାମ୍ପିୟନଶିପର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ରାଇଜିଂ ଷ୍ଟୁଡେଣ୍ଟ କଟକ ଓ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଇଜିଂ ଷ୍ଟୁଡେଣ୍ଟ କଟକ ଚଳିତ ବର୍ଷର ଚାମ୍ପିୟନ ଭାବେ ବିବେଚିତ ହୋଇଛି। ସୂଚନା ମୁତାବକ ଇଷ୍ଟ କୋଷ୍ଟ ରେଲୱେ ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ୧୩୮ ରନ ସଂଗ୍ରହ କରିଥିଲା । ଏହାର ବିପକ୍ଷରେ ରାଇଜିଂ ଷ୍ଟୁଡେଣ୍ଟ ୧୭.୩ ଓଭରରେ ୩ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ମୁକୁଟ ପିନ୍ଧିଥିଲା । ଏହି ଅବସରରେ ଏକ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଆୟୋଜକ କ୍ଲବର ସଭାପତି ଗିରିଶ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିବା ବେଳେ ବାରିପଦା ବିଧାୟକ ତଥା ଓଡିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି ମୁଖ୍ୟଅତିଥି, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କାଉନସିଲର ଦେବାଶିଷ ପାତ୍ର, ବିଜୟ ରାୟ, ଅକ୍ଷୟ ଦାସ, ପବନ ଅଗ୍ରୱାଲା ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ । ବିଜୟୀ ଦଳକୁ ଟ୍ରଫି ସହିତ ୫୦ ହଜାର ଏବଂ ଉପବିଜୟୀ ଦଳକୁ ଟ୍ରଫି ସହିତ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ସେହିପରି ଶ୍ରେଷ୍ଠ ବୋଲର ଭାବେ ଆଶୁତୋଷ ଦାସ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପ୍ରତୀକ ଦାସ, ମ୍ୟାନ ଅଫ ଦି ଫାଇନାଲ ଭାବେ ଆଲୋକ ସାହୁ ଓ ମ୍ୟାନ ଅଫ ଦି ସିରିଜ ଭାବେ ଅରବିନ୍ଦ ସିଂଙ୍କୁ ପୁରସ୍କୃତ କରାଯାଇଥିଲା । କୌଶିକ ମହାପାତ୍ର, ପ୍ରହରାଜ ବୋଷ, ସୁନିତା ବୋଷ, ଚନ୍ଦନା ଦାସ, ଲକ୍ଷ୍ମୀଧର ନାୟକ, ପୃଥ୍ୱୀରାଜ ବୋଷ, ସୁବ୍ରତ ଲେଙ୍କା, ସମରଜିତ ଗୋସ୍ୱାମୀ, ଅଭିଷେକ ସୋରେନ, ଗୌରବ ମହାନ୍ତି, ମନିଷ ପଣ୍ଡା, ଅଜୟ ସିଂ, ସଂଗ୍ରାମ ଦାସ, ପ୍ରମୁଖଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ । ଶେଷରେ କ୍ଲବର ସମ୍ପାଦକ ଲଲାଟେନ୍ଦୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




# ଦିବ୍ୟାଙ୍ଗ ରିୟା, ସୁଶାନ୍ତଙ୍କୁ ଉପେକ୍ଷା



ରିୟା ଜେନା ଓ ଶରତ ବାରିକ।

- ବ୍ୟବସ୍ଥାରେ ତ୍ରୁଟି, ପ୍ରଶାସନର ଅବହେଳା
- ତଳସ୍ତରରେ ପହଞ୍ଚୁନି ଯୋଜନାର ସୁଫଳ

**ଖଇରା, ୧୬।୧୨(ଡି.ଏନ.ଏ.)**

ଦିବ୍ୟାଙ୍ଗଙ୍କ କଲ୍ୟାଣ ଲାଗି ସରକାର ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ତଳସ୍ତରରେ ଏହାର ରୂପାୟନ ହୋଇପାରୁ ନାହିଁ। ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଓ ପ୍ରଶାସନିକ ସ୍ତରରେ ଆନ୍ତରିକତା ଅଭାବରୁ ବାଲେଶ୍ୱର ଖଇରା ବ୍ଲକ ନନ୍ଦୋର ଗ୍ରାମର ୨ଦିବ୍ୟାଙ୍ଗ ସରକାରୀ ସହାୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏହି ଦୁଇ ଭିନ୍ନକ୍ଷମ ହେଲେ ରିୟା ଜେନା(୧୬) ଏବଂ ସୁଶାନ୍ତ କୁମାର ବାରିକ(୧୦)।

ନନ୍ଦୋର ଗ୍ରାମର ଗୋପାଳ ଜେନା ଓ ସୁମତୀ ଜେନା ଅଭିଯୋଗ କରିଛନ୍ତି ଯେ, ସେମାନଙ୍କ ପ୍ରଥମ ଝିଅ ରିୟା ୨୦୦୨ମସିହାରେ ଜନ୍ମ ଗ୍ରହଣ କରିବାର ୯ମାସ ପରେ ତାଙ୍କ ହାତ ଗୋଡ ଦୁର୍ବଳ ହୋଇ ଯାଇଥିଲା। ସେମାନେ ଡାକ୍ତରଙ୍କୁ ଦେଖାଇ ବହୁ ଅର୍ଥ ଖର୍ଚ୍ଚ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କିଛି ସୁଫଳ ମିଳୁନାହିଁ। ରିୟା ଚଲାବୁଲା କରି ପାରୁ ନ ଥିବା ବେଳେ ଆଧାର କାର୍ଡ ନ ଥିବାରୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇ ପାରି ନାହିଁ। ଏଣୁ ରିୟାଙ୍କୁ ଭିନ୍ନକ୍ଷମ ଭତ୍ତା ମିଳିନାହିଁ। ଆଧାର ନିୟମ ଅନୁସାରେ ୧୬ବର୍ଷ ନ ହେଲେ ଚିକିତ୍ସା ସୁବିଧା ଭଳି ଅନ୍ୟ ବହୁ ସୁବିଧା ମିଳିବ ନାହିଁ ବୋଲି ବ୍ୟବସ୍ଥା ରହିଛି। ନ୍ୟାୟାଳୟ ବିଭିନ୍ନ ସମୟରେ ଆଧାର ବାଧ୍ୟତାମୂଳକ ବ୍ୟବସ୍ଥା ଉପରେ କଟକଣା ଲଗାଇଥିଲେ ମଧ୍ୟ ସରକାରୀକ୍ଷେତ୍ରରେ ଏହାକୁ ଉଲ୍ଲଂଘନ କରାଯାଉଛି ବୋଲି ରିୟାଙ୍କ ବାପା ଗୋପାଳ ଅଭିଯୋଗ କରିଛନ୍ତି। ଏହି ଗ୍ରାମର ସୁଶାନ୍ତ କୁମାର ବାରିକ ଓ ମାଳତି ଲତା ବାରିକ କହିଛନ୍ତି ସେମାନଙ୍କ ଭିନ୍ନକ୍ଷମ ପୁଅ ଶରତ ୨୦୦୮ ମସିହାରେ ଜନ୍ମ ନେଇଥିଲା। ସାଧାରଣତଃ ପିଲାଟିଏ ଜନ୍ମ ନେଲେ କାନ୍ଦିଥାଏ। କିନ୍ତୁ ସୁଶାନ୍ତ ନ କାନ୍ଦିବାରୁ ଡାକ୍ତର ବହୁ ଚେଷ୍ଟା କରି କନ୍ଦାଇ ଥିଲେ। କାନ୍ଦ ଆରମ୍ଭ ହେବା ପରେ ଆଉ ବନ୍ଦ ହୋଇ ନ ଥିଲା। ସ୍ଥାନୀୟ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ କଟକ ବଡ ଡାକ୍ତଖାନାକୁ ନେବା ପରେ ଡାକ୍ତର ଚିକିତ୍ସା କରି କାନ୍ଦ ବନ୍ଦକରି ଦେଇଥିଲେ। ପରେ ବୟସ ବଢିବା ଅନୁସାରେ ଶରତଙ୍କ ଶରୀରର ସ୍ୱାଭାବିକ ବିକାଶ ହୋଇ ନ ଥିଲା। ସେମାନେ ଶରତଙ୍କୁ ବିଭିନ୍ନ ଡାକ୍ତରଙ୍କୁ ଦେଖାଇ କିଛି ସୁଫଳ ପାଇ ନ ଥିଲେ। ଚିକିତ୍ସା ଖର୍ଚ୍ଚ ଲାଗି ସେମାନେ ଜମିବିକ୍ରି କରି ୪ରୁ ୫ଲକ୍ଷ ଟଙ୍କା ଖର୍ଚ୍ଚ କରି ନିରାଶ ହୋଇ ପଡିଛନ୍ତି। ସେ ୯୦ପ୍ରତିଶତ ଦିବ୍ୟାଙ୍ଗ ବୋଲି ପ୍ରମାଣପତ୍ର ମିଳିଥିଲେ ମଧ୍ୟ ଭତ୍ତା ମିଳି ନାହିଁ। ଏଥିଲାଗି ବ୍ଲକ ଅଫିସକୁ ବାରମ୍ବାର ଆବେଦନ କରି ସେମାନେ ନିରାଶ ହୋଇଥିବା ଶରତ କହିଛନ୍ତି। ନନ୍ଦୋର ଗ୍ରାମର ଉପେନ୍ଦ୍ର ମହାନ୍ତି ଓ ଗଜେନ୍ଦ୍ର ଶିଅଳଙ୍କ ଭଳି ଦିବ୍ୟାଙ୍ଗ ସୁଶାନ୍ତଙ୍କ ଫର୍ମ ଜିଲା କାର୍ଯ୍ୟାଳୟରେ ହଜିଯାଇଥିବା ପୂର୍ବତନ ସରପଞ୍ଚ ଜୟନ୍ତୀ ପତି କହିଛନ୍ତି। ଏ ସମ୍ପର୍କରେ ବର୍ତ୍ତମାନର ସରପଞ୍ଚ ସୁରେନ୍ଦ୍ର ନାଥ ନାୟକଙ୍କୁ ପଚାରିବାରୁ ଏ ବିଷୟରେ ସେ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଏହି ଭିନ୍ନକ୍ଷମଙ୍କୁ ନ୍ୟାୟ ନ ମିଳିଲେ ସେ ସମର୍ଥକଙ୍କ ସହ ଧାରଣାରେ ବସିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଡିଓ ମହେଶ ଚୌଧୁରୀଙ୍କୁ ପଚାରିବାରୁ ସେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ସୂଚନା କର୍ମୀଙ୍କୁ ହତ୍ୟା ଧମକ

**ସିମୁଳିଆ, ୧୬।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ନୀଳାମ୍ବର ମିଶ୍ର ନାମକ ଜଣେ ୬୬ ବର୍ଷୀୟ ଖାଉଟି ସଚେତକ, ସୂଚନା କର୍ମୀଙ୍କୁ ଫୋନ ଯୋଗେ ହତ୍ୟା ଧମକ ଦିଆଯାଇଛି। ତାଙ୍କ ଘର ବାଟୀ ପଞ୍ଚାୟତ ଅଧୀନ ରୁଡୁଙ୍ଗା ଅଞ୍ଚଳରେ। ଗତ ମାସରୁ ତାଙ୍କୁ ଲଗାତର ବିଭିନ୍ନ ନମ୍ବରରୁ ଧମକ ଆସିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରାଯାଇ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ସମ୍ପର୍କରେ ସେ ସିମୁଳିଆ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ସମେତ ଅନ୍ୟ ନମ୍ବରରୁ ଆସିଥିବା କଲକର୍ତ୍ତାଙ୍କ ବିରୋଧରେ ଜିଲାପାଳ, ଏସ୍‌ପି, ଏନ୍‌ଆର୍‌ଜି ବିଭାଗୀୟ ଅଧିକାରୀ, ମୁଖ୍ୟଶାସନ ସଚିବଙ୍କୁ ଲିଖିତ ରୂପେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସିମୁଳିଆର ସମସ୍ତ ଗଣମାଧ୍ୟମର ଖବରଦାତାଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି।

### ଗନିପୁରରେ ପିଠା କାର୍ଯ୍ୟକ୍ରମ ଅଧାରୁ ବନ୍ଦ

**ରେମୁଣା, ୧୬।୧୨(ଡି.ଏନ.ଏ.):** ରେମୁଣା ବ୍ଲକର ଗନିପୁର ପଞ୍ଚାୟତରେ ରବିବାର ଆୟୋଜିତ ପିଠା କାର୍ଯ୍ୟକ୍ରମ ବିଫଳ ହୋଇଛି। ଏଥିରେ ବହୁ ମହିଳା ଯୋଗ ଦେଇଥିଲେ। ଆଲୋଚନା ଆରମ୍ଭ ହେବାର କିଛି ସମୟ ପରେ କେତେକ ମହିଳା ମିଥ୍ୟା ପ୍ରତିଶ୍ରୁତି ଦେଇ ସଭାକୁ ଆଣିଥିବା କହି ହୋହାଲ୍ଲା କରିଥିଲେ। ରେମୁଣା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପୂର୍ବତନ ସରପଞ୍ଚ ଏପରି ଘଟଣାକୁ ନିନ୍ଦା କରିବା ସହିତ ରାଜ୍ୟ ସରକାର ଆମ ପଞ୍ଚାୟତବାସୀଙ୍କ କଥା ଆଗ ସମାଧାନ କରନ୍ତୁ ପରେ ପିଠା ଆଲୋଚନା ହେବ ବୋଲି ଦାବି କରିଥିଲେ। ୱାର୍ଡ ସଭ୍ୟ ସଭ୍ୟା ଚନ୍ଦ୍ରକାନ୍ତି ସାହୁ, ଅନାଦି ପ୍ରଧାନ, ସିକନ୍ଦର ଖାଁ, ଆକତରୀ ବେଗ୍ମ ପ୍ରମୁଖ ତାଙ୍କୁ ସମର୍ଥନ ଜଣାଇଥିଲେ। ଅତିଥିମାନେ ସଭା ଅଧାରୁ ବନ୍ଦ କରି ଫେରି ଯାଇଥିଲେ।

### ଉନ୍ନୟନମୂଳକ ଯୋଜନା ବିଷୟରେ ସଚେତନତା



**ବାହାନଗା, ୧୬।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ କୁରୁଡା ପଞ୍ଚାୟତସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମାନସ କୁମାର ପାଢୀ ଯୋଗ ଦେଇ ଥିଲେ। ଏହାକୁ ସୋର ବିଧାୟକ ପର୍ଶୁରାମ ଧଡା ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ସଭାପତିତ୍ୱ କରିଥିଲେ ବିଡିଓ ନିରଞ୍ଜନ ସାହୁ। ଅନ୍ୟତମ ଅତିଥି ଭାବେ କୁରୁଡା ସରପଞ୍ଚ ମୃତ୍ୟୁଞ୍ଜୟ ଦାସ, ସିଡିପିଓ ବାସନ୍ତିମୟୀ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ମହିଳା ଏସଏଚ୍‌ଜି, ଅଙ୍ଗନୱାଡି କର୍ମୀ, ଗ୍ରାମବାସୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା।

### ଛଚିନା-ନାଇକୁଡ଼ି ରାସ୍ତା ଶିଳାନ୍ୟାସ

**ବସ୍ତା, ୧୬।୧୨(ସ୍ୱ.ପ୍ର.):** ବସ୍ତା ବ୍ଲକ ମୁକୁଳିସି ପଞ୍ଚାୟତର ଛଚିନାଠାରୁ ନାଇକୁଡ଼ି ପର୍ଯ୍ୟନ୍ତ ଥିବା ରାସ୍ତାର ପୁନଃ ନିର୍ମାଣ ପାଇଁ ରବିବାର ଶିଳାନ୍ୟାସ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ନିତ୍ୟାନନ୍ଦ ସାହୁ ଏହାର ଶିଳାନ୍ୟାସ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ସରପଞ୍ଚ କମଳିନୀ ଧଳ, ସମିତିସଭ୍ୟ ଅନନ୍ତ ପ୍ରଧାନ, ଜିଲା ପରିଷଦ ଶମ୍ଭୁନାଥ ସେଠୀ, ହରଗୋପାଳ ସିଂ, ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ଅଭିଜିତ ସିହ୍ନା, ବରୁଣଗଡ଼ିଆ ସରପଞ୍ଚ ଲିପିକା ରାଉଳ, ସରପଞ୍ଚ ପ୍ରତିନିଧି ରଞ୍ଜନ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ହେବାକୁ ଥିବା ରାସ୍ତା ନିମନ୍ତେ ୩କୋଟି ୪୩ଲକ୍ଷ ଟଙ୍କା ବ୍ୟୟ ଅଟକଳ ଥିବା ଜଣାପଡ଼ିଛି। ଏହି ରାସ୍ତା ନିର୍ମାଣ ହେଲେ ନାଇକୁଡ଼ି ସମେତ ବିଭିନ୍ନ ଗ୍ରାମକୁ ଯାତାୟାତ ନିମନ୍ତେ ସହାୟକ ହେବ।


ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ୨୪୭ ପ୍ରତିଯୋଗୀ

**ସୋର, ୧୬।୧୨(ଡି.ଏନ.ଏ.)**

ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ତରଫରୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ସୋରସ୍ଥିତ 'କଳାଘର' ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ କଳାଘର ଅଧ୍ୟକ୍ଷ ରାଜବଲ୍ଲଭ ସାହୁ ଉଦଘାଟନ କରି କଳା ଓ ସଂସ୍କୃତି ଉପାଦେୟତା ସମ୍ବନ୍ଧରେ ବକ୍ତବ୍ୟ ଦେଇଥିଲେ। ଏହି ପ୍ରତିଯୋଗିତା ସକାଳ ୧୦ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ୨୫ ବିଦ୍ୟାଳୟରୁ ମୋଟ ୨୪୭ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ବିବେକାନନ୍ଦ ଜୟନ୍ତୀ ଅବସରରେ ଜାନୁୟାରୀ ୧୨ତାରିଖରେ ପୁରସ୍କୃତ କରାଯିବ। ଏହି ଚିତ୍ରାଙ୍କନ ପ୍ରତିଯୋଗିତାକୁ ସଂଯୋଜକ ରାମଚନ୍ଦ୍ର ପୃଷ୍ଟି ପରିଚାଳନା କରିଥିଲେ। ମନୋଜ କୁମାର ଜେନା, ଅରୋଆଶିଷ ସାହୁ, ଉମେଶ ସ୍ୱାଇଁ, ଝାନସୀରାଣୀ ପତି, ଶିଳ୍ପୀ ଧର୍ମପଦ ବିଶ୍ୱାଳ ଓ ଅମୂଲ୍ୟ କୁମାର ଦେ ପ୍ରମୁଖ ସହଯୋଗ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

## ୬ ନାରୀ ସମ୍ଭାଳିଥିଲେ ଓଡ଼ିଶାର ଶାସନ ଭାର

### ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଲୋଚନଚକ୍ର

**ବାଲେଶ୍ୱର ଅଫିସ, ୧୬।୧୨**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଜ୍ଞାନ ଭବନ ପରିସରରେ ରବିବାର ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ଜଗନ୍ନାଥ ପଟ୍ଟନାୟକ ସ୍ମୃତି ସଂସଦ ଭଦ୍ରକ' ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଓଡ଼ିଶାର ରାଜନୈତିକ ଇତିହାସ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ' ସମ୍ପର୍କିତ ଆଲୋଚନାଚକ୍ରରେ 'ଓଡ଼ିଶା ଇତିହାସ କଂଗ୍ରେସ'ର ପୂର୍ବତନ ସଭାପତି ତଥା ବ୍ୟାସନଗର ସ୍ୱୟଂଶାସିତ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ନିରଞ୍ଜନ ଶତପଥି ଅତିଥି ଭାବରେ ଯୋଗଦେଇ ଅଷ୍ଟମରୁ ନବମ ଶତାବ୍ଦୀରେ ଓଡ଼ିଶାକୁ ଭୌମକର ଶାସକମାନଙ୍କ ମଧ୍ୟରୁ ୬ଜଣ ନାରୀ ଶାସନ କରିବା ବିରଳ ଦୃଷ୍ଟାନ୍ତ ବୋଲି ଉପସ୍ଥାପନା କରିଥିଲେ। କଳିଙ୍ଗଯୁଦ୍ଧ ସମୟଠାରୁ ଓଡ଼ିଶା ଏସ୍ୱତନ୍ତ୍ର ପ୍ରଦେଶ ଗଠନ ପର୍ଯ୍ୟନ୍ତ ବିଷୟ ଏହି ଆଲୋଚନାରେ ସ୍ଥାନ ପାଇଥିଲା।

ଏହି ଆଲୋଚନାଚକ୍ରରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀମୟ ଦାସଅଧିକାରୀ ଅଧ୍ୟକ୍ଷତା କରିଥିଲେ। ଡ. ଗଣେଶ୍ୱର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ରହ୍ମପୁର ୟୁନିଭରସିଟିର ପୂର୍ବତନ ରାଜନୈତିକ ବିଜ୍ଞାନ ପ୍ରଫେସର ଡ. ବିଷ୍ଣୁଚରଣ ଚୌଧୁରୀ, ସୁରକ୍ଷା ପରିଷଦର ସଭାପତି ଅମୂଲ୍ୟ କୁମାର ମଲ୍ଲିକ, ଉପସଭାପତି କମଳାକାନ୍ତ ସ୍ୱାଇଁ, ସମ୍ପାଦକ ଡ. ଅମର କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀ ବିଦ୍ୟା ପ୍ରଧାନ, ଛାତ୍ର ସମୀର ମହାପାତ୍ର ମଞ୍ଚକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଇତିହାସ ଏବଂ ରାଜନୈତିକ ବିଜ୍ଞାନ ଉପରେ ଗବେଷଣା କରୁଥିବା ବହୁ ଅଧ୍ୟାପକ, ପ୍ରାଧ୍ୟାପକ, ଛାତ୍ରୀଛାତ୍ର ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୫ ମନ୍ଦିରରୁ ଚୋରି

**ଖଇରା, ୧୬।୧୨(ଡି.ଏନ.ଏ.)**

ଖଇରା ବ୍ଲକ ସିମୁଳିଆ ଥାନା ଅଧିନ ରପେୟା ଓ ଚୁଆପଡା ଗ୍ରାମର ଥିବା ୫ଟି ମନ୍ଦିରରୁ ଶନିବାର ରାତିରେ ଚୋରି ହେବା ନେଇ ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ରପେୟା ଗ୍ରାମର ୨ଟି ରାଧାକୃଷ୍ଣ ମନ୍ଦିର, ଶିବ ମନ୍ଦିର ଏବଂ ଚୁଆପଡା ଗ୍ରାମର ହନୁମାନ ମନ୍ଦିର, ଶିବ ମନ୍ଦିରରେ ଠାକୁରଙ୍କର ସମସ୍ତ ସୁନା ରୁପା ଅଳଙ୍କାର ଚୋରାଇ ନେଇଛନ୍ତି। ଏନେଇ ସିମୁଳିଆ ଥାନାରେ ଲିଖିତ ଅଭିଯୋଗ ହେବା ପରେ ସିମୁଳିଆ ପୋଲିସ ଏକ ମାମଲା(ନଂ.୨୯୧/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି।


ଧାନ କିଣା କ୍ରୟ ଅବସରରେ ଉପସ୍ଥିତ ବରୁଣସିଂ ସେବା ସମବାୟ ସମିତିର କର୍ମକର୍ତ୍ତା।

## ବରୁଣସିଂ ସେବା ସମବାୟ ସମିତି ପକ୍ଷରୁ ଧାନ କିଣା ଆରମ୍ଭ

**ରେମୁଣା, ୧୬।୧୨(ଡି.ଏନ.ଏ.)**

ରେମୁଣା ବ୍ଲକ ବରୁଣସିଂ ସେବା ସମବାୟ ସମିତିରେ ଧାନ କିଣା ଆରମ୍ଭ ହୋଇଛି। ଚଳିତବର୍ଷ ଏହି ସମିତି ଆନୁକୂଲ୍ୟରେ ୩୫,୨୬୫ କୁଇଣ୍ଟାଲ ଧାନ କ୍ରୟ ଲାଗି ଧାର୍ଯ୍ୟ କରାଯାଇଛି। ଚଳିତଥର ଚାଷୀଙ୍କଠାରୁ ୧୦, ୨୪୨ କୁଇଣ୍ଟାଲ ଧାନ କିଣାଯିବ। ପ୍ରଥମ ଦିନରେ ୬ଜଣ ଚାଷୀଙ୍କଠାରୁ ୨ଶହ କୁଇଣ୍ଟାଲ ଧାନ କିଣାଯାଇଥିଲା। ଏସଏନଏମ ବିଜ୍‌ନେସ ପ୍ରାଇଭେଟ ଲିମିଟେଡ ସଂସ୍ଥା ୭୨ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ବ୍ୟାଙ୍କ ମାଧ୍ୟମରେ ପ୍ରାପ୍ୟ ପ୍ରଦାନ କରିବ ବୋଲି ସୂଚନା ଦିଆଯାଇଥିଲା। ଏହିଅବସରରେ ରେମୁଣା ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଅଭୟ ପରିଡା, ସମିତି ସଭାପତି ଜୟନ୍ତ କୁମାର ଦାସ, ସମ୍ପାଦକ ରଞ୍ଜନ କୁମାର ଦାସଙ୍କ ସମେତ ସମିତିର ଅନ୍ୟ ସଦସ୍ୟା, ସଦସ୍ୟ ଓ ଚାଷୀ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ନୀଳଗିରି, ୧୬।୧୨(ଡି.ଏନ.ଏ.)**

ନୀଳଗିରି ବ୍ଲକ ବରହମପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ରବିବାର ଅଭିଯୋଗ ହୋଇଛି। ପୋଲିସ ଥାନାରେ ମାମଲା (ନଂ. ୬୩/୧୮) ରୁଜୁ କରି ପୀଡ଼ିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀମାଇନା କରିଛି। ଅଭିଯୁକ୍ତ ଯୁବକ ହେଲେ ଧରମପୁର ପଞ୍ଚାୟତ ରିଗିଡି ଗାଁର ଶକ୍ତି ବିଶୋଇ (୧୮)। ଅଭିଯୁକ୍ତ ଚେନ୍ନାଇରେ ଦୋଷା ମିସ୍ତ୍ରୀ ଭାବେ କାମ କରନ୍ତି। ସେ ଗତ କିଛିଦିନ ତଳେ ଘରକୁ ଆସିଥିଲେ। ୧୨ ତାରିଖ ପୀଡ଼ିତା ଟ୍ୟୁଶନ୍‌କୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜି ପାଇ ନ ଥିଲେ। ବିଶେଷ ସୂତ୍ରରୁ ଶକ୍ତି ବିଶୋଇ ଅପହରଣ କରି ନେଇଥିବାର ଖବର ପାଇଥିଲେ। ଶନିବାର ପରିବାର ଲୋକେ କେଉଁଝର ଜିଲା ଜଡ଼ାଗାଁରୁ ଅଭିଯୁକ୍ତ ସହ ପୀଡ଼ିତାଙ୍କୁ ପାଇ ପୋଲିସରେ ଜିମା ଦେଇଥିଲେ।

## ଭାଜପା ଜନପରାମର୍ଶ ପଦଯାତ୍ରା

**ଔପଦା, ୧୬।୧୨(ଡି.ଏନ.ଏ.):** ଔପଦା ଭାଜପା ମଣ୍ଡଳ ପକ୍ଷରୁ ମୋର ଆଶା ନୂଆ ଓଡ଼ିଶା, ଆଜିର ସଙ୍କଳ୍ପ ଭାଜପା ହିଁ ବିକଳ୍ପର ଜନ ପରାମର୍ଶ ପଦଯାତ୍ରା ତଳକିଆ ପଞ୍ଚାୟତ ପରିକ୍ରମା କରିଛି। ମଣ୍ଡଳର ସଭାପତି ଲକ୍ଷ୍ମୀକାନ୍ତ ବେହେରାଙ୍କ ନେତୃତ୍ୱରେ ପଦଯାତ୍ରା ସ୍ଥାନୀୟ ଭାଜପା କାର୍ଯ୍ୟାଳୟରୁ ବାହାରି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହି ପଦଯାତ୍ରାରେ ଅଜୟ ପ୍ରଧାନ, ପର୍ଶୁରାମ ଲେଙ୍କା, ଉପେନ୍ଦ୍ର ପଣ୍ଡା, ହରିହର ମହଲା, ଅନନ୍ତ ନନ୍ଦ, ନାରୀନେତ୍ରୀ ଶାନ୍ତିଲତା ଲେଙ୍କା, ସୁଶ୍ରୀ ମନିଷା ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ଓ ନେତାମାନେ ସାମିଲ ଥିଲେ।

## ଆତ୍ମସୁରକ୍ଷା କୌଶଳ ତାଲିମ ନେଲେ ଛାତ୍ରୀ

**ରେମୁଣା, ୧୬।୧୨(ଡି.ଏନ.ଏ.)**

ଭୀମେଶ୍ୱର ଜୁନିୟର କଲେଜ ପ୍ରଥମ ବର୍ଷର ୭୬ଜଣ ଛାତ୍ରୀଙ୍କୁ ନେଇ ୧୫ଦିନିଆ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଛାତ୍ରୀମାନେ କିପରି ନିଜର ସୁରକ୍ଷା କରିପାରିବେ ସେନେଇ ବିଭିନ୍ନ କଳା କୌଶଳ ଶିକ୍ଷା ଦିଆଯାଇଥିଲା। କଲେଜ ଅଧ୍ୟକ୍ଷ ସନ୍ତୋଷ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଓ କ୍ରୀଡା ଶିକ୍ଷକ ଭବେନ୍ଦ୍ର କୁମାର ମହାନ୍ତିଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ସୁଭଦ୍ରା ମାହାର୍ଣ୍ଣା ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପରେ ଛାତ୍ରୀମାନେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ଏଥିରେ ଅଧ୍ୟାପକ ଗଜେନ୍ଦ୍ର କୁମାର ପଣ୍ଡା, ନିରୋଦ କୁମାର ମହାନ୍ତି, ପ୍ରଦୀପ କୁମାର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଜିତ କୁମାର ଆଚାର୍ଯ୍ୟ, ଅଧ୍ୟାପିକା ଆରତୀ ମହାପାତ୍ରଙ୍କ ସମେତ ସନ୍ତୋଷ କୁମାର କର, ମମତା ଦାସ, ପଦ୍ମନାଭ ପାତ୍ର, ଉପେନ୍ଦ୍ର ଜେନା, ଦେବେନ୍ଦ୍ର ନାଥ ସିଂହ, ବିଜୟ କୁମାର ରଥ ପରିଚାଳନାରେ ସହଯୋଗ କରିଥିଲେ। ଶିବିରାର୍ଥୀ ଛାତ୍ରୀ ଗୌରୀମଣି ଦାସ ଧନ୍ୟବାଦ ଦେଇଥିଲେ।


ଛାତ୍ରୀମାନେ ଆତ୍ମସୁରକ୍ଷା କୌଶଳ ତାଲିମ ନେଉଛନ୍ତି।

### ରାଉତପଡ଼ା ସମିତିର ବାର୍ଷିକ ସାଧାରଣ ସଭା

## ଚାଷୀର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ


ସଭାରେ ଯୋଗଦେଇଥିବା ଚାଷୀ ଓ ସମିତିର କର୍ମକର୍ତ୍ତା।

**ରୂପ୍‌ସା, ୧୬।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ରାଉତପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ୪୬ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ହରେନ୍ଦ୍ର କୁମାର ଦାସ ସଭାରେ ଅଧ୍ୟକ୍ଷତା କରି ମହିଳାପୁରୁଷ ଚାଷୀଙ୍କୁ କୃଷିଋଣ, କ୍ଷୁଦ୍ର ବ୍ୟବସାୟୀ ଋଣ ସମେତ ଏସ୍‌ଏଚ୍‌ଜି ଓ ଜେଏଲଜି ଗ୍ରୁପ୍‌କୁ ଋଣ ପ୍ରଦାନ କରି ଆତ୍ମନିର୍ଭରଶୀଳ ହେବାର ସୁଯୋଗ ସୃଷ୍ଟି କରାଯାଇଛି ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବସ୍ତା ଶାଖା ପରିଚାଳକ ଅରୁଣ କୁମାର ମାଇତି ଯୋଗଦେଇ ଚାଷୀଙ୍କ ସାମଗ୍ରିକ ବିକାଶ ହେଲେ ସମିତି ଲାଭବାନ ହୋଇଥାଏ। ଏଣୁ ସମିତି ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ କମ୍ ସୁଧରେ ଚାଷୀ, ବ୍ୟବସାୟୀଙ୍କୁ ଋଣ ଦିଆଯାଉଥିବା ବକ୍ତବ୍ୟରେ କହିଥିଲେ। ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ପ୍ରତିବର୍ଷ ଧାନ ଅମଳ ହେବା ମାତ୍ରେ ସମିତିରେ ମଣ୍ଡି ଖୋଲାଗଲେ ଧାନର ଅଭାବୀ ବିକ୍ରି ହୁଅନ୍ତା ନାହିଁ ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ପାଦକ ସୃଷ୍ଟିଧର ରାଉତ ବାର୍ଷିକ ବିବରଣୀ ପାଠ ସହ ୨୦୧୭-୧୮ ବର୍ଷର ଆୟବ୍ୟୟ ହିସାବ ପାଠ କରିଥିଲେ। ସଭାରେ ଖିଲାପି ଋଣୀଙ୍କ ତାଲିକା ପ୍ରକାଶ କରାଯିବା ସହ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସିଦ୍ଧାନ୍ତ ହୋଇଥିଲା। ସହ-ସମ୍ପାଦକ ତପନ କୁମାର ଦୀକ୍ଷିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ଦେବଶ୍ରୀ ରଣା ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ସମିତି ନିର୍ଦ୍ଦେଶକ ଦୟାନିଧି ଦେ, ଧନଞ୍ଜୟ ତ୍ରିପାଠୀ, ଅଜୟ ବେହେରା, ମଦନ ଜେନା, ନରେନ୍ଦ୍ର ଗିରି, ରୀନା ନାୟକ, ପ୍ରତାପ ରାଉତ, ସାଦନ ସିଂ ଓ ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସମିତିକୁ ଆର୍ଥିକ ପ୍ରଗତି କ୍ଷେତ୍ରରେ ଆଗକୁ ନେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶେଷରେ ଉପ-ସଭାନେତ୍ରୀ କବିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

### ଚେତାବନୀ ଦେଲେ ପୌର କର୍ମଚାରୀ

**ବାଲେଶ୍ୱର ଅଫିସ, ୧୬।୧୨**

ବାଲେଶ୍ୱର ଉଠା ଜଳସେଚନ ନିଗମ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ପୌର କର୍ମଚାରୀ ଏକତା ମଞ୍ଚର ଉତ୍ତରାଞ୍ଚଳ ପ୍ରାନ୍ତୀୟ ଶାଖାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ମହାସଂଘର ପୂର୍ବତନ ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ବେହେରା ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୁରୀ, କଟକ, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ସମସ୍ତ ପୌରସଂସ୍ଥାରୁ ଶତାଧିକ କର୍ମଚାରୀ ପ୍ରତିନିଧି ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

ମହାସଂଘର ଅନ୍ୟତମ ପୂର୍ବତନ ସାଧାରଣ ସମ୍ପାଦକ ତଥା ଏକତା ମଞ୍ଚର ଆବାହକ ଜଗନ୍ନାଥ ପାଢ଼ୀ ବୈଠକର ଉଦ୍ଦେଶ୍ୟ ବିଷଦ ଭାବେ ଆଲୋଚନା କରିଥିଲେ। ପୌର କର୍ମଚାରୀଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ ଯଥା ସପ୍ତମ ବେତନ କମିଶନ ସୁପାରିଶ ଅନୁଯାୟୀ ଦରମାହାର ଲାଗୁ କରିବା, ଷଷ୍ଠ ବେତନ କମିଶନ ସୁପାରିଶ ଅନୁଯାୟୀ ବର୍ଷିଆନ୍ ପେନସନ୍‌ଭୋଗୀମାନଙ୍କୁ ଯଥାକ୍ରମେ ୨୦, ୩୦, ୫୦ ଓ ୧୦୦ ପ୍ରତିଶତ ପେନସନ୍ ବ୍ୟବସ୍ଥା ଲାଗୁ କରିବା, ପୌର କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ସମତୁଲ ପରିବାର ପେନସନ୍ ଲାଗୁ କରିବା ଆଦି ମୁଖ୍ୟ ୩ ଦଫା ଦାବି ହାସଲ ପାଇଁ ପୁନଶ୍ଚ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାର କ୍ୟାବିନେଟ୍ ବୈଠକରେ ପୌର କର୍ମଚାରୀଙ୍କୁ ସପ୍ତମ ବେତନ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ହେଁ ପୌର ଉନ୍ନୟନ ବିଭାଗର ଉଦାସୀନତା ଓ ଟାଳଟୁଳ ନୀତି ପାଇଁ ସରକାରଙ୍କ ନିଷ୍ପତ୍ତିକୁ ଉପେକ୍ଷା କରାଯାଉଛି। ଏହାକୁ କେବେ ବି ବରଦାସ୍ତ କରାଯିବ ନାହିଁ ବୋଲି ଉତ୍ତରାଞ୍ଚଳ ପ୍ରାନ୍ତୀୟ ଶାଖାର ପୂର୍ବତନ ସମ୍ପାଦକ କୈଳାସ ଚନ୍ଦ୍ର ନାୟକ କହିଥିଲେ। ରବିନାରାୟଣ ପଣ୍ଡା, ମନୋଜ କୁମାର ବିଶ୍ୱାଳ, ତରୁଣ କୁମାର ବାରିକ, ଦୋଳଗୋବିନ୍ଦ ମହାନ୍ତି, ରତ୍ନାକର ଦାସ, ଉଲ୍ଲାସ ବସ୍ତିଆ, ଅନ୍ତର୍ଯ୍ୟାମୀ ଜେନା, ସତ୍ୟବ୍ରତ ଜେନା, ଶରତ ଚନ୍ଦ୍ର ନାୟକ, ଅଜୟ ମହାପାତ୍ର, ହୟାତ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଓଡ଼ିଶା ପୌର କର୍ମଚାରୀ ଏକତା ମଞ୍ଚର କର୍ମକର୍ତ୍ତା।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

**ପାଟଣା, ୧୬।୧୨(ସ୍ୱ.ପ୍ର.):** ପାଟଣା ବ୍ଲକ ଚେମେଣା ପଞ୍ଚାୟତ ଅଞ୍ଚଳର ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଜଣେ ଯୁବକଙ୍କୁ ରବିବାର ତୁରୁମୁଙ୍ଗା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ହେଉଛନ୍ତି ଚମ୍ପୁଆ ଥାନା ବାଙ୍କିଆ ଗ୍ରାମର ଅଜୟ ନାଏକ। ନଭେମ୍ବର ୧୧ରେ ଜଣେ ନାବାଳିକାଙ୍କୁ ଅଜୟ ଅପହରଣ କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅଜୟ ଅପହରଣ କରିଥିଲେ। ଚାଇଲଡ୍ ଲାଇନ ପକ୍ଷରୁ ଭୁବନେଶ୍ୱର ରେଳ ଷ୍ଟେଶନରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ. ୧୨୦/୧୮) ରୁଜୁ କରି ଅଜୟଙ୍କୁ ପୋଲିସ ଗିରଫ କରିଥିବା ଏଏସଆଇ ଗୁରୁପ୍ରସାଦ ଦେଓ କହିଛନ୍ତି।

### ଟ୍ରାକ୍ଟର ଓଲଟି ୨ ଗୁରୁତର

**ଘସିପୁରା/ଆନନ୍ଦପୁର, ୧୬। ୧୨(ସ୍ୱ.ପ୍ର.):** ଘସିପୁରା ଥାନା ଶାଳପଡ଼ା ନିକଟରେ ରବିବାର ଟ୍ରାକ୍ଟର ଓଲଟି ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେକ ଜେନାଉଦ୍ଦିନ୍, ସେକ ମୁସରିନ, ଏମ. ସରୋଜିନୀ, ସେକ୍ ରାନୁଙ୍କ ସହ ଅନ୍ୟ ଜଣେ ଆହତ ହୋଇନ୍ତି। ଏକ ଠିକା ସଂସ୍ଥା କାମରେ ନିୟୋଜିତ ଟ୍ରାକ୍ଟରରେ ନିର୍ମାଣ ସାମଗ୍ରୀ ସହ କର୍ମଚାରୀ ବସି ଯାଉଥିବା ସମୟରେ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ସମସ୍ତଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଘସିପୁରା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବରିଷ୍ଠ କଳାକାରଙ୍କ ପରଲୋକ

**ଆନନ୍ଦପୁର, ୧୬।୧୨(ସ୍ୱ.ପ୍ର.):** ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡା ଗ୍ରାମର ବରିଷ୍ଠ ଅପେରା କଳାକାର ରାମଚନ୍ଦ୍ର ମହାନ୍ତି(୭୨)ଙ୍କ ପରଲୋକ ହୋଇଛି। ସେ ଜଣେ ବାସ୍ତୁଶାସ୍ତ୍ରବିତ୍ ଭାବେ ମଧ ବେଶ ଜଣାଶୁଣା ଥିଲେ। ତାଙ୍କର ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ସମାଜସେବୀ ମନମଥ ରାଉତଙ୍କ ସମେତ ବହୁ ସ୍ଥାନୀୟ ଲୋକେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ।

### ଗଛରୁ ପଡ଼ି ବାଳକ ଗୁରୁତର

**କେନ୍ଦୁଝର, ୧୬।୧୨(ସ୍ୱ.ପ୍ର.):** ହରିଚନ୍ଦନପୁର ଥାନା ଅନ୍ତର୍ଗତ ଧୁରୁଡିଆମ୍ବ ପଞ୍ଚାୟତର ଘଷଣାଟାଙ୍ଗର ଗ୍ରାମ ନିକଟରେ ରବିବାର ଗଛରୁ ପଡ଼ି ଜଣେ ନାବାଳକ ଗୁରୁତର ହୋଇଛନ୍ତି। ତାଳଡିହି ଗ୍ରାମର ଗୋପାଳ ମୁଣ୍ଡାଙ୍କ ୧୦ ବର୍ଷର ପୁଅ ରାଜେଶ ମୁଣ୍ଡା ସାଙ୍ଗ ସାମଲ ମୁଣ୍ଡା ଓ କୁଟୁ ମୁଣ୍ଡାଙ୍କ ସାଥିରେ ଚଢେଇ ଧରିବା ପାଇଁ ଜଙ୍ଗଲକୁ ଯାଇଥିଲେ। ଦୁଇ ସାଙ୍ଗଙ୍କୁ ଗଛ ତଳେ ଠିଆ କରି ରାଜେଶ ଏକ ବଡ ଶାଳଗଛରେ ଚଢିଥିଲେ। କୌଣସି କାରଣରୁ ତା'ଙ୍କ ଗୋଡ ଖସିଯାଇଥିଲା। ଗୋଡ଼ ଖସିଯିବାରୁ ରାଜେଶ ତଳେ ପଡି ଗୁରୁତର ହୋଇଥିଲେ। ହରିଚନ୍ଦନପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ରାଜେଶଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

### ଖାଲରୁ ଗୋରୁ ଉଦ୍ଧାର

**କେନ୍ଦୁଝର, ୧୬।୧୨(ସ୍ୱ.ପ୍ର.):** ସଦର ବ୍ଲକ ପଳାଶପଙ୍ଗା ସ୍ପ କାରଖାନା ଛକ ନିକଟରେ ଖୋଳା ଯାଇଥିବା ଗାତରେ ଶନିବାର ରାତିରେ ଏକ ବଳଦ ପଡ଼ିଯାଇଥିଲା। ଆହତ ଅବସ୍ଥାରେ ରବିବାର ବଳଦକୁ ପୋଲିସ, ଦମକଳବାହିନୀ କର୍ମଚାରୀ ଉଦ୍ଧାର କରିଛନ୍ତି। ପାଣି ପାଇପ ବିଛାଇବା ପାଇଁ ଏଭଳି ଗାଡ ଖୋଳାଯାଇଛି। ସତର୍କତା ବ୍ୟବସ୍ଥା ନ ଥିବାରୁ ବିପଦ ଆଶଙ୍କା ରହୁଛି। କାମ କରୁଥିବା ସଂସ୍ଥାର ଖାମଖିଆଲ ମନୋଭାବ ଯୋଗୁଁ ଏଭଳି ଅଘଟଣ ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳ ଲୋକେ ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଛନ୍ତି।

# ରାସ୍ତା କାମରେ ଅନିୟମିତତା

- ମିଳିମିଶି ଲୁଟୁଥିବା ଅଭିଯୋଗ
- ଅବଧି ମଧ୍ୟରେ ସରୁନି କାମ
- ଜାଣିଶୁଣି ବିଭାଗ ନୀରବ

**ଝୁମ୍ପୁରା, ୧୬।୧୨(ଡି.ଏନ.ଏ.)**

ଝୁମ୍ପୁରା ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ହେଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନିୟମିତତା ହୋଇଛି। ଯନ୍ତ୍ରୀ ଓ ଠିକାଦାର ମିଳିମିଶି ଚଞ୍ଚକତା କରୁଥିବା ଅଭିଯୋଗ ହେଉଛି। ନିର୍ମାଣ ଅବଧି ମଧ୍ୟର କୌଣସି ଗୋଟିଏ ହେଲେ ରାସ୍ତା କାମ ଶେଷ ହେଉନି। ରାସ୍ତା ଶୋଚନୀୟ ହୋଇ ପଡ଼ିଥିବା ବେଳେ ମରାମତି କରାଯାଉନି। ମରାମତି ସମୟ ସୀମା ଭିତରେ ଦାୟିତ୍ୱରେ ଟେଣ୍ଡରଧାରୀ ଠିକାଦାର ରହିଛନ୍ତି। କାର୍ଯ୍ୟ କରାଯାଉନି। ଗ୍ରାମ୍ୟ ଉନ୍ନୟନ ବିଭାଗ ତାଗିଦ କରୁ ନ ଥିବା ଅଭିଯୋଗ ହେଉଛି। ମରାମତି କରାଗଲେ ଠିକାଦାର ମନମାନୀରେ କାମ କରୁଛନ୍ତି।

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଜଙ୍ଗଲ ଅଞ୍ଚଳରେ ଅବସ୍ଥିତ ମଲଦା ପଞ୍ଚାୟତରେ ରାସ୍ତା ନିର୍ମାଣ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଧନୁର୍ଜୟପୁରଠାରୁ ବଳଭଦ୍ରପୁର ୪ କି.ମି. ୩ଶହ ମି. ରାସ୍ତା କାମ ହୋଇଛି। ସୂଚନା ଫଳକରେ ୦୬।୦୩।୧୪ରେ କାମ ଶେଷ ହୋଇଥିବା ଉଲ୍ଲେଖ ରହିଛି। ରାସ୍ତା ନିର୍ମାଣ ଅବଧି ସମୟରେ ଶେଷ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅବଧି ସରି ନ ଥିବାବେଳେ ରାସ୍ତା ମରଣଯନ୍ତା ପାଲଟିଛି। ଜଙ୍ଗଲ ଅଞ୍ଚଳବାସୀ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଅଭିଯୋଗ କଲେ କେହି ଶୁଣିବାକୁ ନାହାନ୍ତି ବୋଲି ଧନୁର୍ଜୟପୁର, ନୁଣଗାଡିଆ, କାଶିଆ ଏବଂ ବଳଭଦ୍ରପୁର ଗ୍ରାମବାସୀ କହିଛନ୍ତି। ଏ ନେଇ ଝୁମ୍ପୁରାସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବଳଭଦ୍ର ମାରାଣ୍ଡିଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକାଦାର ରାସ୍ତା ମରାମତି କାମ କରିବା ପାଇଁ ଯାଇଥିଲେ। ଗ୍ରାମବାସୀ ମରାମତି କାମ କରିବାକୁ ଦେଲେ ନାହିଁ ବୋଲି ସେ କହିଛନ୍ତି।


ବିପଦସଙ୍କୁଳ ରାସ୍ତା।

# ଦୁର୍ଘଟଣାରେ ଜଣେ ମୃତ, ୭ ଗୁରୁତର

**କେନ୍ଦୁଝର, ୧୬।୧୨(ସ୍ୱ.ପ୍ର.)**

ଝୁମ୍ପୁରା ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଯୋଡ଼ା ସିମିଳିଠାରେ ରବିବାର ଅପରାହ୍ନ ୨ଟାରେ ଟାଟା ମ୍ୟାଜିକର ପଛପଟୁ ଏକ ଡର ଧକ୍କା ଦେବାରୁ ଜଣେ ବ୍ୟକ୍ତି ଙ୍କ ମୃତ୍ୟୁ ଘଟିଛି। ଏଥିରେ ୭ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ଶିରିଶପାଳ ଅଞ୍ଚଳର ଜାନକୀ ମହାକୁଡ(୬୦), ସୁନାଫୁଲ ନାଏକ(୬୫), ଧନୁର୍ଜୟପୁର ଗ୍ରାମର ବିଶା ଧିବର(୫୫), ସୁମିତ୍ରା ଧିବର(୨୦), ତାଙ୍କ ଦେଢବର୍ଷର ଝିଅ ବୈଦେହୀ ଧିବର ଏବଂ ତାଙ୍କ ପୁତୁରା ଲକ୍ଷ୍ମଣ ଧିବର(୯) ଗୁରୁତର ହୋଇଛନ୍ତି। କେନ୍ଦୁଝର ଆଡକୁ ଓଡି୦୯-ବି-୬୬୬୧ ନମ୍ବର ବିଶିଷ୍ଟ ଏକ ଟାଟା ମ୍ୟାଜିକ ଆସୁଥିବାବେଳେ ଯୋଡା ସିମିଳିଠାରେ ଦ୍ରୁତଗତିରେ ଆସି ଏକ ଡର ଟାଟା ମ୍ୟାଜିକକୁ ଧକ୍କା ଦେଇଥିଲା। ଗୁରୁତରମାନଙ୍କ ମଧ୍ୟରେ ଟାଟା ମ୍ୟାଜିକଗାଡିର ଡ୍ରାଇଭର ଦୟାନିଧି ମହାନ୍ତ(୪୫) ଏବଂ ତାଙ୍କ ଘର ସଦର ଥାନା ବେଲଦା ନିକଟସ୍ଥ ଟାଙ୍ଗରାଣୀ ଗ୍ରାମରେ ବୋଲି ଜଣାପଡିଛି। ବାସୁଦେବପୁର ଗ୍ରାମରୁ ବିଶିରି ଠାକୁରାଣୀ ଓଷା ଦେଖିବାକୁ ଯାଇ ଏକ ଟାଟା ମ୍ୟାଜିକରେ ଫେରୁଥିବା ସମୟରେ ଦୁର୍ଘଟଣା ଘଟିଥିବା ଜଣାପଡିଛି।

# ଜେଜେ ମା' ଜେଜେ ବାପା ସମ୍ମିଳନୀ


ସମ୍ମିଳନୀରେ ଯୋଗ ଦେଇଥିବା ଜେଜେ ମା' ଜେଜେ ବାପା।

**ଚମ୍ପୁଆ, ୧୬।୧୨(ଡି.ଏନ.ଏ.)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ସଂଯୋଜନାରେ ଜେଜେ ମା' ଜେଜେ ବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରିଚାଳନା ସଭାପତି ଏକାଦସିଆ ମହାନ୍ତ, ସମ୍ମାନିତ ଅତିଥି ଗଙ୍ଗାଧର କର, ବିଭୂତିଭୂଷଣ ବଡ଼ପଣ୍ଡା, ଅଜିତ ରାମ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ସମ୍ପର୍କରେ କହିଥିଲେ। ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧ ତଥା ଛାତ୍ରୀଛାତ୍ରଙ୍କ ଉପରେ ଜେଜେ ମା' ଜେଜେ ବାପାଙ୍କ କର୍ତ୍ତବ୍ୟ କ'ଣ ରହିବା ଉଚିତ ତା' ଉପରେ ଦାସ ମତବ୍ୟକ୍ତ କରିଥିଲେ। ଜେଜେବାପା ଜେଜେ ମା' ସେମାନଙ୍କ ଦ୍ୱାରା ଜୀବନର ଅନୁଭୂତି, ପ୍ରଶ୍ନମଞ୍ଚ ଏବଂ ସଙ୍ଗୀତ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଲା

**ପାଟଣା, ୧୬।୧୨(ସ୍ୱ.ପ୍ର.)**

ପାଟଣା ବ୍ଲକରେ ତୃତୀୟ ଶ୍ରେଣୀ ମେଧାବୃତ୍ତି ୨୦୧୭ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ମେଧା ତାଲିକାରେ ସ୍ଥାନ ପାଇଥିବା ୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬ ଜଣ ଘରୋଇ ବିଦ୍ୟାଳୟର, ଜଣେ ମାତ୍ର ସରକାରୀ ବିଦ୍ୟାଳୟର ଛାତ୍ର ସ୍ଥାନ ପାଇଛନ୍ତି। ଏଥିନେଇ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଙ୍କ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ତାଲିକାରେ ପ୍ରଥମ ସ୍ଥାନରେ ତୁରୁମୁଙ୍ଗା ଶିଶୁମନ୍ଦିରର ଛାତ୍ରୀ ପୂଜାସ୍ମିତା ମହାନ୍ତ ରହିଥିବା ବେଳେ ମୁରୁସୁଆଁ ଶିଶୁ ମନ୍ଦିର ଛାତ୍ର ଶୁଭମ ରାହୁଳ ଦ୍ୱିତୀୟ, ତୁରୁମୁଙ୍ଗା ଶିଶୁ ମନ୍ଦିରର ଛାତ୍ରୀ ସସ୍ମିତା ମିଶ୍ର ତୃତୀୟ, ଅଙ୍କିତା ପୃଷ୍ଟି ୪ର୍ଥ, ମିରିଗିଖୋଜି ସରକାରୀ ପ୍ରାଥମିକ ବିଦ୍ୟାଳୟର ଦେବାଶିଷ ପଲେଇ ୫ମ, ସରସ୍ୱତୀ ଶିଶୁମନ୍ଦିର ପାଟଣାର ଜୟଶ୍ରୀ ଜୟସ୍ମିତା ଖାଟୁଆ ୬ଷ୍ଠ ଓ ସିଦ୍ଧ ବିନାୟକ ଶିଶୁମନ୍ଦିର କେତାଙ୍ଗର ହେମନ୍ତ ମହାନ୍ତ ରହିଥିବା ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଓମାତ ସୂଚନା ଦେଇଛନ୍ତି।

■ ଓଡ଼ିଆ ଜାତି ପାଇଁ ଗୌରବ

# ବାଘଙ୍କ ତୈଳଚିତ୍ର ଉନ୍ମୋଚିତ

**କେନ୍ଦୁଝର, ୧୬।୧୨(ସ୍ୱ.ପ୍ର.)**

କେନ୍ଦୁଝର ପୋଲିସ ମୁଖ୍ୟାଳୟ ପରିସରରେ ପୋଲିସ ବିଭାଗ ପକ୍ଷରୁ ଅମର ଶହୀଦ ଅଶୋକ ଚକ୍ର ବିଜେତା ପ୍ରମୋଦ କୁମାର ଶତପଥୀଙ୍କ ତୈଳଚିତ୍ର ଶନିବାର ଉନ୍ମୋଚିତ ହୋଇଛି। ତାଙ୍କର ସାହସିକତା ଓ ଯୁଦ୍ଧ କୌଶଳ ପାଇଁ ସମସ୍ତେ ବାଘ ବୋଲି ଡାକୁଥିଲେ। ଏହି ନାମରେ ପୋଲିସ ବିଭାଗରେ ଜଣାଶୁଣା ଥିଲେ। ଶହୀଦ ପ୍ରମୋଦ ହେଉଛନ୍ତି ପ୍ରଥମ ଓଡ଼ିଆ ପୋଲିସ ଅଧିକାରୀ। ସେ ଦେଶର ଅନ୍ୟତମ ସର୍ବୋଚ୍ଚ ସାହସିକତା ପୁରସ୍କାର ଅଶୋକ ଚକ୍ର ପାଇଛନ୍ତି। ଯାହାକି ଓଡ଼ିଆ ଜାତି ପାଇଁ ଗୌରବର ବିଷୟ। ତାଙ୍କୁ ସମସ୍ତେ ଜାଣିବା ଓ ମନେ ପକାଇବା ଆବଶ୍ୟକ ବୋଲି ଏସପି ଜୟରାମ ପଙ୍କଜ କହିଛନ୍ତି।

ପୋଲିସ ବିଭାଗ ସୂଚନାନୁଯାୟୀ ପ୍ରମୋଦ ୧୬ ଫେବ୍ରୁୟାରୀ ୨୦୦୮ରେ ଗାମ ନୟାଗଡ ଓ କନ୍ଧମାଳ ତ୍ରିକୋଣ ସୀମାରେ ଘୋଷମା ଯୁଦ୍ଧରେ ନକ୍ସଲଙ୍କ ସହିତ ଲଢେଇ କରି ଶହୀଦ ହୋଇଥିଲେ। ଭାରତ ମାଟି ପାଇଁ ନିଜ ଜୀବନକୁ ଉତ୍ସର୍ଗକୃତ କରିଥିବାରୁ ତାଙ୍କୁ କେନ୍ଦ୍ର ସରକାର ସର୍ବୋଚ୍ଚ ସାହସିକତା ପୁରସ୍କାର ଅଶୋକ ଚକ୍ର ପ୍ରଦାନ କରିଥିଲା। ଅଦ୍ୟାବଧି ଦେଶରେ ୮୪ ଅଶୋକ ଚକ୍ର ସମ୍ମାନ ପାଇଛନ୍ତି। ସବୁଠାରୁ ଅଧିକ ସେନା କର୍ମଚାରୀ ଓ କିଛି ସିଭିଲ ପୋଲିସ ପାଇଛନ୍ତି। ସେଥି ମଧ୍ୟରୁ ୧୦ ପୋଲିସ ଅଧିକାରୀ ଓ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଏହି ସମ୍ମାନ ପାଇଛନ୍ତି। ପ୍ରମୋଦ ହେଉଛନ୍ତି ପ୍ରଥମ ଓ ଏକମାତ୍ର ଓଡ଼ିଆ ପୋଲିସ ଅଧିକାରୀ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି।



ଜିଲା ପୋଲିସ ମୁଖ୍ୟାଳୟରେ ବାଘଙ୍କ ତୈଳଚିତ୍ର।

# ମେଧା ଅନ୍ୱେଷଣ ପ୍ରତିଯୋଗିତା

**ହାଟଡିହୀ, ୧୬।୧୨(ଡି.ଏନ.ଏ.)**

ହାଟଡିହୀ ବ୍ଲକ ନୁଆରମ୍ଭାସଠାରେ ବାର୍ଷିକ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ବିବେକାନନ୍ଦ ପାଠକ ମଞ୍ଚ ପକ୍ଷରୁ ଶ୍ରେଷ୍ଠ ପାଠକ ଚୟନ ଓ ମେଧା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଡ଼ ରମ୍ଭାସର ଜେପିଦାସ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୬୦ ବିଦ୍ୟାଳୟରୁ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବକ୍ତୃତା, ଓଡ଼ିଆ ଭାଷାଜ୍ଞାନ, ଅଣୁକବିତା ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପ୍ରତିଯୋଗୀ 'ଆମ ଗାଁ ଯଦି ସହର ହୋଇଯାଆନ୍ତା' ଏବଂ ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ର 'ମାତୃଭାଷା ନପଢିଲେ କ୍ଷତି କ'ଣ' ଶୀର୍ଷକ ବକ୍ତୃତା ଦେଇଥିଲେ। ଏଥିରେ ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ ଜେନା, ପ୍ରଧାନ ଶିକ୍ଷକ ବେଣୁଧି ସାହୁ, ଶିକ୍ଷାବିତ୍ ଜ୍ଞାନେନ୍ଦ୍ର ଜେନା, ଏବିଇଓ ବୈଷ୍ଣବ ଚରଣ ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧନେଶ୍ୱର ପରିଡା, ସୁଶୀଳ ଶୁଭଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପାଠକ ମଞ୍ଚର ଆବାହକ ଅଧାପକ ରବୀନ୍ଦ୍ର ନାୟକ ତଦାରଖ କରିଥିବାବେଳେ ଅଭିମନ୍ୟୁ ସାହୁ, ସୁବାସ ଚନ୍ଦ୍ର ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ, ଭାଗିରଥି ସେନାପତି, ସୁଶାନ୍ତ ପଣ୍ଡା, ସାରଦା ପ୍ରସନ୍ନ ବାରିକ, ମନୋଜ ସେନାପତି, ବରଦା ପ୍ରସନ ବାରିକ, ଶରତ ଚନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଭା ଅନ୍ୱେଷଣର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରେଷ୍ଠ ପାଟକ ଚୟନ କାର୍ଯ୍ୟକ୍ରମ ଅନୁଯାୟୀ ଗୀତା, ହାସ୍ୟ ବ୍ୟଙ୍ଗ କବିତା, ପ୍ରଶ୍ନ ମଞ୍ଚ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପାଠକ ମଞ୍ଚ ତରଫରୁ ସୂଚନା ମିଳିଛି।

# ମହୁମାଛି ଆକ୍ରମଣରେ ଯୁବକ ଗୁରୁତର

**ଘସିପୁରା, ୧୬।୧୨(ଡି.ଏନ.ଏ.)**

ଘସିପୁରା ଅନ୍ତର୍ଗତ ଶାଳପଡ଼ା କଲୋନୀର ଜଣେ ଯୁବକ ରବିବାର ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ହେଲେ ଶାଳପଡ଼ା ଜଳ ସମ୍ପଦ ବିଭାଗର ଡାଟାଏଣ୍ଟ୍ରି ଭାବେ କାର୍ଯ୍ୟ କରୁଥିବା ଲୋକନାଥ ମାଝି (୩୨)। ମାର୍କେଟ ସାରି ଘରକୁ ଫେରୁଥିବା ସମୟରେ କଲୋନୀ ଗେଟ ସମ୍ମୁଖରେ ଅଚାନକ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ସେଠାରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରିଥିଲେ।

# ବାବା କାଳନ୍ଦୀ ପାଗଳଙ୍କ ପରଲୋକ


ଶୋଭାଯାତ୍ରାରେ ବାବାଙ୍କ ମରଶରୀରକୁ ନିଆଯାଉଛି।

**ଆନନ୍ଦପୁର, ୧୬।୧୨(ସ୍ୱ.ପ୍ର.)**

ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତ ସାଇଁପାଳ ଗ୍ରାମ ମାରୁତି ଆଶ୍ରମର ସାଧୁ ବାବା କାଳନ୍ଦୀ ପାଗଳ ଦାଶଙ୍କ ରବିବାର ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ୧୧୭ ବର୍ଷ ବୟସରେ ପରଲୋକ ହୋଇଛି। ଆଶ୍ରମରେ ଦୀର୍ଘ ୫ ଦିନ ଧରି ସେ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁରେ ମରଶରୀରକୁ ଆଶ୍ରମ ପରିସରରେ ଶେଷକୃତ୍ୟ କରିବା ପାଇଁ ସେ କହିଥିଲେ। ତାଙ୍କ ମୃତ୍ୟୁକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ମୃତ୍ୟୁ ଖବର ପାଇ କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଜିଲା ବିଜେଡି ସମ୍ପାଦକ ମନମଥ ରାଉତ, ରାମଚନ୍ଦ୍ରପୁର ଅଞ୍ଚଳର ସମାଜସେବୀ ତଥା ପୂର୍ବତନ ସରପଞ୍ଚ ମଦନ ମୋହନ ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବିଶ୍ୱରଞ୍ଜନ ବେହେରା, ସରପଞ୍ଚ ବଳରାମ ବେହେରା, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଖୋର୍ଦ୍ଧା, ଭୁବନେଶ୍ୱର, କଟକ, କୋରେଇ ଅଞ୍ଚଳର ବାବାଙ୍କର ବହୁଶିଷ୍ୟ ଉପସ୍ଥିତ ରହିଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏକ ଶୋଭାଯାତ୍ରାରେ ବାବାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରିବା ପରେ ଆଶ୍ରମ ପରିସରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ୧୨ ଶହ ଖଣ୍ଡ ଶାଳ କାଠ ଜବତ

**ବଡ଼ବିଲ, ୧୬।୧୨(ସ୍ୱ.ପ୍ର.)**

ବଡ଼ବିଲ ଥାନା ଅନ୍ତର୍ଗତ ଭୁଷୁଗାଁସ୍ଥିତ ବିଜୁ ହଟିଂ ଅଞ୍ଚଳରେ ରବିବାର ପୋଲିସ ଓ ବନ ବିଭାଗ ମିଳିତ ଚଢାଉରେ ୧୨ଶହ ଖଣ୍ଡ ଶାଳକାଠ ଜବତ ହୋଇଛି। ସ୍ଥାନୀୟ ଲୋକେ ୭ରୁ ୮ ବର୍ଷର ଶାଳ ଗଛ ଗୁଡିକୁ କାଟି ଘରେ ରଖିଥିଲେ। ସେଗୁଡିକୁ ବନବିଭାଗ କାର୍ଯ୍ୟାଳୟ ପରିସରକୁ ଆଣିବାକୁ ଟ୍ରକ୍‌ରେ ୪ ଟ୍ରିପ କରିବାକୁ ପଡିଥିଲା। ଠାକୁରାଣୀ ସଂରକ୍ଷିତ ଜଙ୍ଗଲରୁ ଅନବରତ ଛୋଟ ଗଛ ଗୁଡିକୁ କାଟି ଦିଆଯାଉଛି। ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତ କହିଛନ୍ତି ଯେ, କାଠଗୁଡିକୁ ଜବତ କରାଯାଇଛି। ଏ ନେଇ ମାମଲା ରୁଜୁ ହେବ। ୧୫ରୁ ୨୦ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଗିରଫ କରାଯିବ।


ଜବତ କାଠକୁ ଟ୍ରକ୍‌ରେ ଲୋଡ କରାଯାଉଛି।

# ବିଜ୍ଞାନ ମେଳାରେ ୪୮ ପ୍ରକଳ୍ପ

**କୋଲିମାଟି, ୧୬।୧୨(ଡି.ଏନ.ଏ.)**

ଘସିପୁରା ବ୍ଲକ ଅଧୀନ ଖଲଣାସ୍ଥିତ ସେଣ୍ଟ୍ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଯୋଗେନ୍ଦ୍ର କୁମାର ପଣ୍ଡାଙ୍କ ସଂଯୋଜନାରେ ସାଇଁକୁଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରଞ୍ଜିତ ରାଉତ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ସମୁଦାୟ ୪୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

ଘସିପୁରା ସେଣ୍ଟ୍ ଜାଭିୟର୍ସ ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ କୁମାର ପଣ୍ଡା, ଶୁଭେନ୍ଦୁ ଦାସ ବିଚାରକ ଭାବେ ଯୋଗ ଦେଇଥିଲେ। ଦେବୀପ୍ରସାଦ ଜେନା, ପ୍ରିୟଙ୍କା ମହାକୁଡ, ଶୁଭଶ୍ରୀ ନାଏକ, ତପସ୍ୱିନୀ ସାହୁ, ସ୍ମୃତିରଞ୍ଜନ ସାହୁ, ଅଳକା ବରଓ୍ୱା, ଏଞ୍ଜେଲିନା ବରଓ୍ୱା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।

# ପ୍ରଦର୍ଶନୀରେ ୨୪୦ ପ୍ରକଳ୍ପ

**କେନ୍ଦୁଝର, ୧୬।୧୨(ସ୍ୱ.ପ୍ର.)**

ସ୍ଥାନୀୟ ଧନୁର୍ଜୟ ନାରାୟଣ ଉଚ୍ଚବିଦ୍ୟାଳୟରେ ଚାଲିଥିବା ୨ ଦିନିଆ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସମାରୋହରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ହାଟଡିହୀ ବିଇଓ ଗୁଣନିଧି ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଜିର ଦୁନିଆରେ ବିଜ୍ଞାନର ଆବଶ୍ୟକତା ଏବଂ ବିଜ୍ଞାନ ମନସ୍କ ହୋଇ ନୂତନ ଜିନିଷ ଉଦ୍ଭାବନ କରିବା ଦିଗରେ ବ୍ରତୀ ହେବା ପାଇଁ କୁନି ବୈଜ୍ଞାନିକଙ୍କୁ ଆହ୍ୱାନ କରିଥିଲେ। ଏନ୍‌ଆଇଏଫ୍ ଅହମ୍ମଦାବାଦରୁ ଆସିଥିବା ବିଚାରକ ଡକ୍ଟର ସମୀର ଫୟାଜ, ଅଧାପକ ଡ. କୁଳମଣି ପ୍ରଧାନ, ଅଧାପକ ଡ. ରଞ୍ଜନ ମହାପାତ୍ର, ଡ. ଆଶିଷ ଷଡଙ୍ଗୀ, ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଜଗନ୍ନାଥ ମହନ୍ତ ବିଚାରକ ଭାବେ ଯୋଗ ଦେଇଥିଲେ।

ରାଜ୍ୟ ଶିକ୍ଷା ଓ ଶିକ୍ଷକ ନିର୍ଦ୍ଦେଶାଳୟ ପକ୍ଷରୁ ୧୧୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ୬ ପ୍ରକଳ୍ପ ୨୧ ଓ ୨୨ ତାରିଖରେ ସିଏସ୍‌ବି ଜିଲା ହାଇସ୍କୁଲ ସମ୍ବଲପୁରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନମେଳା ପାଇଁ ଚୟନ କରାଯାଇଛି। ଇନ୍‌ସ୍ପାୟାର ପକ୍ଷରୁ ପ୍ରଦର୍ଶିତ ୧୩୦ ପ୍ରକଳ୍ପ ମଧ୍ୟରୁ ୧୫ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ପ୍ରଧାନଶିକ୍ଷକ ଝାଡେଶ୍ୱର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣଚନ୍ଦ୍ର ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ବିଜ୍ଞାନ ଶିକ୍ଷକ ବିଭୁପ୍ରସାଦ ସେନାପତିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ସତ୍ୟନାରାୟଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ସୁଶୀଲ ନାୟକ, ଶିକ୍ଷକ ବିଜୟ ବେହେରାଙ୍କ ସମେତ ଶିକ୍ଷକ ଉମ୍ବରୁଧର ମହାନ୍ତ, ଅଜ୍ଞାନ ଚାନ୍ଦ, ପ୍ରବୀର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରୀ କମିଟି ଗଠିତ

**ପଦ୍ମପୁର,୧୬।୧୨(ଡି.ଏନ.ଏ.):** ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ବାସୁଦେବପୁର ଶାଖାର ନୂତନ କାର୍ଯ୍ୟକାରୀ କମିଟି ଗଠିତ ହୋଇଯାଇଛି। ଭଦ୍ରକ ଜିଲା ସଂଘ ସଭାପତି ଅରବିନ୍ଦ ଦୀକ୍ଷିତ, ସାଧାରଣ ସମ୍ପାଦକ ପ୍ରଣୟ କୁମାର ମହାପାତ୍ରଙ୍କ ଉପସ୍ଥିତିରେ କମିଟି ଗଠନ ହୋଇଛି। କମିଟିର ସଭାପତି ଭାବେ ଗୟାଧର ଦାସ, ସମ୍ପାଦକ ସୁକାନ୍ତ କୁମାର ପଲାଇ, କାର୍ଯ୍ୟକାରୀ ସଭାପତି ଭାବେ ରମାକାନ୍ତ ମଲିକ, ଅର୍ଜୁନ ଧଳ, ହେମନ୍ତ କୁମାର ମଲିକ, ଉପସଭାପତି ପ୍ରଦୀପ ସେଠୀ ଏବଂ ମହାସଚିବ ଭାବେ କମଳା କଲ୍ୟାଣ ପାଇକରାୟଙ୍କୁ ମନୋନୀତ କରାଯାଇଛି। ସେହିପରି ସଙ୍ଗଠନ ସମ୍ପାଦକ ଭାବେ ଅବିନାଶ ପ୍ରଧାନ, ସର୍ବେଶ୍ୱର ମଲିକ, ତପନ କୁମାର ବାରିକ, ଯୁଗ୍ମ ସମ୍ପାଦକ ଖଗେଶ୍ୱର ପ୍ରଧାନ, ରତିକାନ୍ତ ବେହେରା ଓ ବିଜୟ କୁମାର ବେହେରା, ସହସମ୍ପାଦକ ସନ୍ତୋଷ କୁମାର ନାୟକ, କୋଷାଧକ୍ଷ ମନୋଜ କୁମାର ଦିକ୍ଷୀତ ଏବଂ ହିସାବ ସମୀକ୍ଷକ ଭାବେ ମାନଗୋବିନ୍ଦ ମଲିକ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି।

### ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

**ବନ୍ତ, ୧୬।୧୨ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ାସ୍ଥିତ ଐତିହାସିକ କର୍ମମନ୍ଦିର ପରିସରରେ ଶନିବାର ଅପରାହ୍ନରେ ବିଜେଡିର ବ୍ଲକସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ୮୦ ଲକ୍ଷ ୯୫ ହଜାର ୮୮୪ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଆଗରପଡା ବଜାରରୁ ମହାବିଦ୍ୟାଳୟ ରାସ୍ତାର ଶିଳାନ୍ୟାସ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା କରାଯାଇଥିଲା। ପରେ ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁଙ୍କ ସଭାପତିତ୍ୱରେ ପଦଯାତ୍ରା ଆରମ୍ଭ ହୋଇଥିଲା। ମନ୍ତ୍ରୀ ସାମଲ, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁମାର ଦାଶ, ସଭ୍ୟା ରେବତୀ ନାୟକ, ବ୍ଲକ ଉପାଧ୍ୟକ୍ଷା ମଞ୍ଜୁଲତା ଜେନା, ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଜୋନ୍ ସଭାପତି କାହ୍ନୁଚରଣ ଦାସ, ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ, ମନ୍ତ୍ରୀଙ୍କ ପ୍ରତିନିଧି ଜିତେନ୍ଦ୍ର ନାୟକ, ପୁରୁଷଣ୍ଡ ସମିତିସଭ୍ୟ ଦିଲୀପ ପୁହାଣ, ବିଟିପୁର ସମିତିସଭ୍ୟ ଭିକ୍ଷେଶ୍ୱର ଦାସ, ଗୋପୀନାଥପୁର ସରପଞ୍ଚ ଅଶୋକ ଦାସ ପ୍ରମୁଖ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ପଣ୍ଡା, ଆନନ୍ଦ ଓଝା, ଜଇନୁଲ ଆବେଦିନ୍ ଓ ଭାଗୀରଥି ସେଠୀ ପ୍ରମୁଖ ସାମିଲ ଥିଲେ।

### ବାର୍ଷିକ କ୍ରୀଡ଼ାରେ ୧୯୦ ଛାତ୍ରୀଛାତ୍ର ସାମିଲ

**ବନ୍ତ,୧୬।୧୨ (ଡି.ଏନ.ଏ.):** ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମାପଡା ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୧୯୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାନୁଷ୍ଠାନ ସଭାପତି ସୂର୍ଯ୍ୟମଣି ରାଉଳ ସଭାପତିତ୍ୱ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁରଥ କୁମାର ସାହୁ ମୁଖ୍ୟଅତିଥି, ବନ୍ତ କଲେଜର ପ୍ରାକ୍ତନ ଅଧକ୍ଷ ଡ. ଶୁଭେନ୍ଦୁ କୁମାର ମିଶ୍ର ମୁଖ୍ୟବକ୍ତା ଏବଂ ବିଦ୍ୟାଳୟର ପୂର୍ବତନ ସଭାପତି ବିଶ୍ୱନାଥ ବିଶ୍ୱାଳ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ଜାଗୁଲାଇ ହାଇସ୍କୁଲ ଶିକ୍ଷକ ବସନ୍ତ ପ୍ରଧାନ, ଅର୍ଜୁନ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟା ଇତିଶ୍ରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନାରାୟଣ ଚନ୍ଦ୍ର ନାୟକ, ବସନ୍ତ ପ୍ରଧାନ, ପ୍ରଦୀପ ବିଶ୍ୱାଳ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ଉଷାରାଣୀ ବେହେରା, ସୁନୀଲ କୁମାର ରାଉଳ, ଦମୟନ୍ତୀ ପାଣିଗ୍ରାହୀ, ସୌଭାଗ୍ୟ ମଞ୍ଜରୀ ପରିଡା, ସାବିତ୍ରୀ ମାଝୀ, ମୀନତିଲତା ରାଉତ ପ୍ରମୁଖ ସହାୟତା କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଭଙ୍ଗାଘରେ ଚାଲିଛି ସମବାୟ ସମିତି କାର୍ଯ୍ୟାଳୟ

**ବାସୁଦେବପୁର, ୧୬।୧୨ (ଡି.ଏନ.ଏ.)**


ବାସୁଦେବପୁର ସମବାୟ ସମିତି କାର୍ଯ୍ୟାଳୟ।

- ୮ ସମିତିରେ ଗୋଦାମଗୃହ ନାହିଁ
- ସମସ୍ୟା ସମାଧାନରେ ସମବାୟ ବିଭାଗ ବିଫଳ

ଭିତ୍ତିଭୂମି ଅଭାବରୁ ଭଦ୍ରକ ଜିଲା ବାସୁଦେବପୁର ସମବାୟ ସମିତି କାର୍ଯ୍ୟାଳୟ ଭଙ୍ଗାଘରେ ଚାଲିଛି। ଏଥିଯୋଗୁ ଚାଷୀମାନେ ହଇରାଣ ହେଉଥିବା ଅଭିଯୋଗ ହେଉଛି। କୃଷି ଓ କୃଷକଙ୍କ କ୍ଷେତ୍ରରେ ସମବାୟ ବିଭାଗର ଅଗ୍ରଣୀ ଭୂମିକା ରହିଛି। ଚାଷୀ କୃଷିଜାତ ଦ୍ରବ୍ୟ ଧାନ ସମବାୟ ବିଭାଗ ମାଧ୍ୟମରେ ସରକାର ସ୍ତରରେ ବିକ୍ରି କରୁଥିବାବେଳେ ଧାନ ବିହନ, ସାର, ଔଷଧ ସମବାୟ ମାଧ୍ୟମରେ ନେଇଥାଏ। ହେଲେ ଭିତ୍ତିଭୂମି ଅଭାବ ଏଥିରେ ଅନ୍ତରାୟ ସୃଷ୍ଟି କରୁଛି।

ବାସୁଦେବପୁର ବ୍ଲକରେ ମୋଟ ୨୨ଟି ସେବା ସମବାୟ ସମିତି କାର୍ଯ୍ୟ କରୁଛି। ସେଥିମଧ୍ୟରୁ ମାଟିପକା ଓ ପଡୁଁଆ ସମିତିର ନିଜସ୍ୱ କାର୍ଯ୍ୟାଳୟ ଗୃହ ନାହିଁ। ଅସ୍ଥାୟୀ ଭାବେ ଭଡା ସୂତ୍ରରେ ଚାଲିଛି। ସେହିପରି ବଛଦା, ଆର୍ତ୍ତୁଂରେ ମଧ୍ୟ ସମିତି ଗୃହ ନାହିଁ। ବାଲିମେଦ ସେବା ସମବାୟ ସମିତି ଓ ମା' କାଳୀ ସେବା ସମବାୟ ସମିତିର ଅଫିସ ଓ ଗୋଦାମ ଗୃହ ଭଙ୍ଗାଘରେ ଚାଲିଛି। ବିପଦସଙ୍କୁଳ ଅବସ୍ଥାରେ କାର୍ଯ୍ୟାଳୟ ଚାଲିଥିବାରୁ ଯେକୌଣସି ସମୟରେ ଅଘଟଣର ଆଶଙ୍କା ରହିଛି। ସେହିପରି ବାସୁଦେବପୁର, ବିନାୟକପୁର ସମିତି ଅର୍ଦ୍ଧଭଗ୍ନ ଗୃହରେ କାର୍ଯ୍ୟ କରୁଛି। ମା' କାଳୀ, ଇରମ, ପଡୁଁଆ, ବଛଦା, ବାସୁଦେବପୁର, ବିନାୟକପୁର, ଏଡତାଳ, ବିଦେଇପୁର ଆଦି ୮ ସମିତିରେ ଗୋଦାମଗୃହ ଆଦୌ ନାହିଁ। ଫଳରେ ଧାନ, ବିହନ, ସାର, ଔଷଧ ମହଜୁଦ କରି ରଖାଯିବା କ୍ଷେତ୍ରରେ ସମିତି ଅଧିକାରୀ ଓ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଦାମ ନ ଥିବାରୁ ଚାଷୀଙ୍କଠାରୁ ଧାନ କ୍ରୟ କରି ରଖିବାରେ ସମସ୍ୟା ସୃଷ୍ଟି ହେଉଛି। ସେହିପରି ବିହନ, ସାର, ଔଷଧ ମଧ୍ୟ ମହଜୁଦ କରି ରଖାଯାଇ ପାରୁନି ବୋଲି କୁହାଯାଇଛି। ଅନ୍ୟପକ୍ଷେ ସୁଗୋ, ପଦ୍ମପୁର, ସୁରେଶ୍ୱରପୁର, ବାସୁଦେବପୁର ସମିତିରେ ୪ ସମ୍ପାଦକ ପରିବର୍ତ୍ତେ ୨ ଜଣ ଦାୟିତ୍ୱ ତୁଲାଉଛନ୍ତି। କର୍ମଚାରୀ ଅଭାବ ମଧ୍ୟ ସମସ୍ୟା ସୃଷ୍ଟି କରୁଛି। ଏ ସମ୍ପର୍କରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ନରେନ୍ଦ୍ର ନାଥ ବିହାରୀଙ୍କୁ ପଚାରିବାରୁ ସମିତିର ସମସ୍ୟାକୁ ସେ ସ୍ୱୀକାର କରି ଏ ବିଷୟରେ ସମବାୟ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିବା କହିଥିଲେ।

### ବଧୂ ନିର୍ଯାତନା ଅଭିଯୋଗରେ ଶ୍ୱଶୁର ଗିରଫ

**ବାଲିଆପାଳ,୧୬।୧୨(ଡି.ଏନ.ଏ.)**

ଜଣେ ନବବଧୂଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ଶ୍ୱଶୁରଙ୍କୁ ବାଲିଆପାଳ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତାହାଳିଆ ଗ୍ରାମର ମନ୍ମଥ ଦାସଙ୍କ ପୁଅ ରାଜକିଶୋର ଦାଶ ବାହାରେ ଚାକିରି କରୁଛନ୍ତି। ତାଙ୍କ ଅନୁପସ୍ଥିତିରେ ଘରେ ରହୁଥିବା ସ୍ତ୍ରୀ ଜ୍ୟୋସ୍ନାରାଣୀଙ୍କୁ ଶ୍ୱଶୁର ମନ୍ମଥ ନିର୍ଯାତନା ଦେଉଆସୁଥିଲେ। ଏ ନେଇ ଜ୍ୟୋସ୍ନାରାଣୀ ବାପଘରକୁ ପଳାଇ ଯାଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଭଦ୍ରବ୍ୟକ୍ତିମାନଙ୍କ ସହାୟତାରେ ସମାଧାନ କରିବା ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ଏହ ସଫଳ ନ ହେବାରୁ ବାଲିଆପାଳ ଥାନାରେ ଏକ ମାମଲା (ନଂ.୩୨୩/୧୮)ରୁଜୁ ହୋଇଥିଲା।

## ପିଠା ବାଣ୍ଟି ମହିଳା ଗୋଷ୍ଠୀ ସମ୍ବର୍ଦ୍ଧିତ

**ତିହିଡ଼ି, ୧୬।୧୨ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ସମେତ ୫ ପଞ୍ଚାୟତରେ ରବିବାର 'ପିଠା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଆମାଳରେ କାର୍ଯ୍ୟକ୍ରମକୁ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ପ୍ରଦୀପ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ, କନିଷ୍ଠ ଯନ୍ତ୍ରୀ ଭୀଷ୍ମଦେବ ଶତପଥୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀନବନ୍ଧୁ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଗୋଷ୍ଠୀ ପିଠା ବାଣ୍ଟିଥିବା ବେଳେ ବିଧାୟକ ମଣ୍ଡଳ ପଞ୍ଚାୟତର ମା' ଭଗବତୀ ସ୍ୱୟଂସହାୟକ ଗୋଷ୍ଠୀ ସମେତ ୪ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି କାଁପଡ଼ାରେ ସରପଞ୍ଚ ବିଦେଶିନୀ ସ୍ୱାଇଁ, ମହରମପୁରରେ ସରପଞ୍ଚ ଅଲିଳପ୍ରଭା ରାଉଳ, ଜାମଯୋଡ଼ିରେ ସରପଞ୍ଚ ଝରଣା ବିଶ୍ୱାଳ, ହରସିଂହପୁରରେ ସରପଞ୍ଚ ଅଯୋଧ୍ୟାରାଣୀ ଜେନା ସଭାରେ ପୌରୋହିତ୍ୟ କରିଥିଲେ। ଏହିସବୁ ସ୍ଥାନରେ ବିପିଏମ୍ ରଶ୍ମିତା ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, ଜିଲା ପରିଷଦ ସଭ୍ୟ କମଳାକାନ୍ତ ଦାସ, ସିଡିପିଓ ଇନ୍ଦୁରେଖା ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ବଳାତ୍କାର ଅଭିଯୋଗରେ ଡ୍ରାଇଭର ଗିରଫ

**ତେଲକୋଇ, ୧୬।୧୨ (ଡି.ଏନ.ଏ.)**

ରାଇସୁଆଁ ଅଞ୍ଚଳର ଜଣେ ନାବାଳିକାଙ୍କୁ ଉଠାଇ ଆଣି ବଳାତ୍କାର କରି ମାଡ଼ ମାରିବା ଅଭିଯୋଗରେ ପୋଲିସ ଜଣେ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ଉତ୍ତର ପ୍ରଦେଶ ବାଲିଆ ଅଞ୍ଚଳର ଜିତେନ୍ଦ୍ର ଯାଦବ(୨୫)। ତେଲକୋଇ ଥାନା ଅନ୍ତର୍ଗତ ୪୯ ଜାତୀୟ ରାଜପଥର ବାରହାଦେବତାରେ ଶନିବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ଗାଡି ଡ୍ରାଇଭର ମାଡ ମାରୁଥିଲେ। ଖବର ପାଇ ତେଲକୋଇ ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଥାନାକୁ ଆଣିଥିଲେ। ପଚରାଉଚରା ପରେ ନାବାଳିକାଙ୍କୁ ବଳାତ୍କାର ଘଟଣା ପଦାକୁ ଆସିଥିଲା। ଜିତେନ୍ଦ୍ର ଯେଉଁ ଗାଡ଼ି ଚଳାଉଛନ୍ତି ସେଥିରେ ନାବାଳିକାଙ୍କ ବାପା ହେଲପର ଭାବେ କାର୍ଯ୍ୟ କରନ୍ତି। ରାଇପୁରରେ ନାବାଳିକାଙ୍କ ବାପାଙ୍କ ସହ ଜିତେନ୍ଦ୍ର ରହୁଥିଲେ। ଏହାର ସୁଯୋଗ ନେଇ ନାବାଳିକାଙ୍କୁ ୨୦ ଦିନ ପୂର୍ବରୁ ଉଠାଇ ଜିତେନ୍ଦ୍ର ବଳାତ୍କାର କରିଥିଲେ।

### ଜବତ ଗାଡ଼ିକୁ ନେଇ ଟଣାଘଣା

**ହାଟଡିହୀ, ୧୬।୧୨(ଡି.ଏନ.ଏ.)**

ହାଟଡିହୀ ବ୍ଲକ ନନ୍ଦିପଦା ପୋଲିସ ୬ ତାରିଖ ରାତି ପାଟ୍ରୋଲିଂ ସମୟରେ ଛେନାପଦିରେ ଏସଆଇ ବିଜୟ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ୨ ମୋରମ ବୋଝେଇ ଗାଡି ଜବତ କରିଥିଲଲେ। ଗାଡି ଛାଡି ଡ୍ରାଇଭର ଫେରାର ହୋଇଯାଇଥିଲେ। ତହସିଲ ତରଫରୁ ଗାଡି ପିଛା ୨୫ ହଜାର ଦୁଇ ଶହ ଟଙ୍କା ଲେଖାଏଁ ଜରିମାନା କରାଯାଇଥିଲା। ଏହି ଗାଡି ମୋରମ କେଉଁଠୁ ଆଣିଲା ସେ ନେଇ ପୋଲିସ ଟଣାଘଣା କରିଥିଲା। ଟ୍ରକ୍ ଜବତ ନେଇ ଜଣେ ବ୍ୟକ୍ତି ପୋଲିସ ସହ ଯୁକ୍ତିତର୍କ କରିଥିଲେ। ମୋରମ ଚାଲାଣ ସମ୍ବନ୍ଧୀୟ କୌଣସି କାଗଜପତ୍ର ବ୍ୟକ୍ତି ଜଣଙ୍କ ଦେଖାଇ ପାରି ନ ଥିଲେ। ବ୍ୟକ୍ତି ଜଣଙ୍କ ମୋରମ ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଞ୍ଚଳରୁ ଆସୁଥିବା ଟ୍ରାଜିଟ୍ ପାସ୍ ପୋଲିସକୁ ଦେଖାଇଥିଲେ। ଟ୍ରାନଜିଟ୍ ପାସ୍‌କୁ ନେଇ ନନ୍ଦିପଦା ପୋଲିସ ଟଣାଘଣା କରୁଛି।

## 'ନିର୍ଭୀକତା ଶିକ୍ଷା ଦିଏ କବିତା'


ସାଲନ୍ଦୀ ବହି ମେଳାର ୫ମ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

**ଭଦ୍ରକ ଅଫିସ, ୧୬।୧୨**

**ସାଲନ୍ଦୀ ବହି ମେଳାର ୫ମ ସନ୍ଧ୍ୟା**

କବିତା ମଣିଷକୁ ସ୍ୱପ୍ନପ୍ରବଣ ଓ ନିର୍ଭୀକ ହେବାକୁ ଶିକ୍ଷା ଦିଏ। କାହାଠୁ କିଛି ପ୍ରତ୍ୟାଶା ନ ରଖିବାକୁ ଶିଖାଏ ବୋଲି ସାର୍ବଜନୀନ ସାଲନ୍ଦୀ ବହି ମେଳାର ୫ମ ସନ୍ଧ୍ୟାରେ ମତପ୍ରକାଶ ପାଇଥିଲା। କବି ଡ. ଶଶଧର ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କବିଶେଖର ଚିନ୍ତାମଣି, କାନ୍ତକବି ଲକ୍ଷ୍ମୀକାନ୍ତ, ଜାତୀୟ କବି ବାଞ୍ଛାନିଧିଙ୍କଠାରୁ ଆରମ୍ଭ କରି ନିତ୍ୟାନନ୍ଦ ପତି, କମଳାକାନ୍ତ ଓ ବର୍ତ୍ତମାନର କବିଙ୍କ ପର୍ଯ୍ୟନ୍ତ ଭଦ୍ରକ ମାଟିର କାବ୍ୟ ଚିରନ୍ତନ ଓ ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। 'ସାଲନ୍ଦୀର ସ୍ୱର କବିତା ଝଙ୍କାର' ଶୀର୍ଷକ ସାରସ୍ୱତ ସଭାରେ ଭାନୁମତି ମାଟିଆ ସଭାପତିତ୍ୱ କରିଥିଲେ। କବି ଗୀତାରାଣୀ ଆଇଚ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କବି ପ୍ରମୋଦ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କବି ଚୈତାଳୀ ଖିଲାର, ମୁସ୍ତାକ ଗହ୍ୱର, ପ୍ରଫୁଲ୍ଲ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଶତାଧିକ କବି କବିତା ପାଠ କରିଥିଲେ। ପୂର୍ବରୁ ଅଭିଜିତ ନାୟକଙ୍କ ସଂଯୋଜନାରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ସଭା ଶେଷରେ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ପରିଚାଳନାରେ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ଶୁଭଶ୍ରୀ


@ ଚୈତାଳୀ


@ ଲିପୁ


@ ପ୍ରବୀଣ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ପିଠା କାର୍ଯ୍ୟକ୍ରମରେ ଜିଲାପାଳ

**ତେଲକୋଇ, ୧୬।୧୨(ଡି.ଏନ.ଏ.)**

ତେଲକୋଇ ବ୍ଲକର ବିଭିନ୍ନ ପଞ୍ଚାୟତ ମୁଖ୍ୟାଳୟରେ ରବିବାର ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାର ପିଠା କାର୍ଯ୍ୟକ୍ରମ ହୋଇଥିଲା। ଓରିଆ, ତେଲକୋଇ, ଦୋବଲାପାଳ ଓ ଖୁଣ୍ଟାପଡ଼ା ପିଠା କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଠାକେର ଯୋଗଦେଇ ଆଲୋଚନା କରିଥିଲେ। ବିଡିଓ ଦିଲ୍ଲିପ ବାରା, ଆସିଷ୍ଟାଣ୍ଟ ଇଞ୍ଜିନିୟର ବର୍ଣ୍ଣାଳୀ ମୁର୍ମୁ, ବିଦ୍ୟୁତ ବିଭାଗର ଯନ୍ତ୍ରୀ ଗୋବିନ୍ଦ ଦାଶ, ସରପଞ୍ଚ ମାନସ ନାଏକ, ସମିତିସଭ୍ୟା ମିନାକ୍ଷୀ ଦେହୁରି ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ଶିକ୍ଷକ ନ ଥିବା ଯୋଗୁଁ ଶିକ୍ଷାଦାନରେ ବାଧା ଓ ଉତ୍କଟ ବିଦ୍ୟୁତ୍ ସମସ୍ୟା ଉପରେ ଜିଲାପାଳଙ୍କୁ ଲୋକେ ପ୍ରଶ୍ନ କରିଥିଲେ। ଜାନୁୟାରୀ ସୁଦ୍ଧା ସମସ୍ୟା ସାମାଧାନ ଦିଗରେ କାର୍ଯ୍ୟ ହେବ ବୋଲି ଲୋକଙ୍କୁ ଜିଲାପାଳ କହିଥିଲେ। ବିଶ୍ୱନାଥ ମଲ୍ଲିକ ସଭା ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ 'ପିଠା' କାର୍ଯ୍ୟକ୍ରମ

**ବାସୁଦେବପୁର, ୧୬।୧୨ (ଡି.ଏନ.ଏ.)**



ବାସୁଦେବପୁରଠାରେ ପିଠା' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ରବିବାର 'ପିଠା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବାସୁଦେବପୁର ବ୍ଲକର ପଡୁଁଆସ୍ଥିତ ସରପୋଖରୀଆଡି ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଦୀନବନ୍ଧୁ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ବୀରକିଶୋର ପାଣିଗ୍ରାହୀ ଯୋଗଦେଇ ରାଜ୍ୟ ସରକାରଙ୍କ 'ପିଠା' ଯୋଜନାର ଗୁରୁତ୍ୱ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥପୁର ସରପଞ୍ଚ ଯଦୁନାଥ ନାୟକ, ସିଡିପିଓ ଜାନକୀ ଦାସ, ସାମାଜିକ କର୍ମୀ ମାନସ ସାହୁ, ଦେବଦର୍ଶନ ଦାଶ, ଏଏଫ୍‌ଓ ଧ୍ରୁବଚରଣ ହେମ୍ବ୍ରମ, ଏସ୍‌ଡିଓ ବିପ୍ରେସ କୁମାର, ନିର୍ବାହୀ ଅଧିକାରୀ ଝାଡେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ 'ମୁଁ ହିରୋ' କାର୍ଯ୍ୟକ୍ରମ ବିଜୁ ଯୁବବାହିନୀ ପକ୍ଷରୁ ଯୁବତୀ ଯୁବକ ପ୍ରତିଭା ପ୍ରଦର୍ଶନ କରିଥିଲେ। ପଞ୍ଚାୟତରେ କଳାକାର ଭତ୍ତା ପ୍ରଦାନ କରାଯାଇଥିଲା। ସେହିପରି ବିନାୟକପୁର ପଞ୍ଚାୟତର ମା' ଆଙ୍କୁଡେଶ୍ୱରୀଙ୍କ ମନ୍ଦିର ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଜଗବନ୍ଧୁ ବଳ, ସମିତିସଭ୍ୟ ସୁଶାନ୍ତ ଦାସ, ସିଡିପିଓ ଜାନକୀ ଦାସ,ବିଦ୍ୟୁତ ବିଭାଗ ଯନ୍ତ୍ରୀ ପ୍ରିୟବ୍ରତ ସ୍ୱାଇଁଙ୍କ ସମେତ ପଶୁସମ୍ପଦ, ଜୀବିକା ମିଶନ, ସ୍ୱାସ୍ଥ୍ୟ ଓ କୃଷି ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

**ପଦ୍ମପୁର, (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ନାୟକାଣିଡିହୀ ପଞ୍ଚାୟତଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଆଦିତ୍ୟ ପ୍ରସାଦ ମହାପାତ୍ର ସଭାପତିତ୍ୱ କରିଥିଲେ। ସରପଞ୍ଚ ବଂଶୀଧର ବିଶ୍ୱାଳ, ସମିତିସଭ୍ୟା ସ୍ନେହଲତା ପରିଡା, ନେସ୍କୋର ଏସଡିଓ ଅଶୋକ କୁମାର ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ୧୦୦ ହିତାଧିକାରୀଙ୍କୁ ଖାଉଟି କାର୍ଡ, ମଧୁବାବୁ ପେନ୍‌ସନ ଓ ବିଜୁ ପକ୍କାଘର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

**ଭଣ୍ଡାରିପୋଖରୀ,(ଡି.ଏନ.ଏ.) :** ଭଣ୍ଡାରିପୋଖରୀ ବ୍ଲକର ନେରଡା, ସରସଦା, ମାଳଦା, ନଗୁଁଆ ପଞ୍ଚାୟତରେ 'ପିଠା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନେରଡାଠାରେ ସରପଞ୍ଚ ବଦ୍ରିନାରାୟଣ ରାଉତ, ସରସଦାରେ ସରପଞ୍ଚ ମଣିକାଞ୍ଚନ ସେନାପତି, ମାଳଦାରେ ସରପଞ୍ଚ ରୀତାଞ୍ଜଳି ସାମଲ ଓ ନଗୁଁଆରେ ସରପଞ୍ଚ କମଳ କୁମାର ନନ୍ଦ ସଭାପତିତ୍ୱ କରିଥିଲେ। ନେରଡା, ସରସଦା, ମାଳଦା ଠାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରହ୍ଲାଦ ରଣା, ବିଡିଓ ବନମାଳୀ ତରାଇ, ସରୋଜିନୀ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ବ୍ଲକ ପିଇଓ ଏବଂ ଜିପିଟିଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଦ ସହ ବାଇକ୍ ଜବତ: ୨ ଗିରଫ

**ବାସୁଦେବପୁର, ୧୬।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଜଗନ୍ନାଥପୁର ପଞ୍ଚାୟତକୁ ବାଲିଛଦାଘାଟରୁ ସଂଯୋଗ କରୁଥିବା ରାସ୍ତାର କଣ୍ଟିଆନାଳୀ ପୋଲ ନିକଟରୁ ସ୍ଥାନୀୟ ପୋଲିସ ୨ଶହ ଲିଟର ଦେଶୀମଦ ସହ ଏକ ବାଇକ୍ ଜବତ କରିଛି। ଏଥିସହ ୨ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଖନ୍ତାପଡା ଥାନା ଅନ୍ତର୍ଗତ ଶ୍ରୀଜଙ୍ଗ ଗ୍ରାମର ପରେଶ ଖଣ୍ଡେଇ(୨୫) ଓ ବାଲେଶ୍ୱର ପୁରୁଣାବଜାର ଗ୍ରାମର ଶିବୁ ଦାସ(୧୯)। ସେମାନେ ବାଇକ୍‌ରେ ମଦ ନେଇ ଯାଉଥିବା ବେଳେ ବାସୁଦେବପୁର ପୋଲିସ ହାତରେ ଧରାପଡ଼ିଥିଲେ। ଏ ନେଇ ବାସୁଦେବପୁର ଥାନାରେ ଏକ ମାମଲା (ନଂ.୨୮୧/୧୮) ରୁଜୁ କରାଯାଇଛି। ପରେଶ ଓ ଶିବୁଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

## ସଂକ୍ଷେପରେ

### ୩ ବଖରା ଘର, ୫ ଏକର ଜମିର ଧାନ ପୋଡିଗଲା



**ଖଇରା, ୧୬।୧୨(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ ରପେୟା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ପଞ୍ଚାନନ ଘଡେଇଙ୍କର ୩ ବଖରା ଘର ସହିତ ୫ ଏକର ଜମିର ଧାନ ନଷ୍ଟ ହୋଇଯାଇଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ସହ ଅଡା ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଖବରପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରବିବାର ସକାଳେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ।

### ବିଶ୍ୱ ସନାତନ ଧର୍ମ, ମାଳିକା ପ୍ରବଚନ

**କେନ୍ଦୁଝର, ୧୬।୧୨(ସ୍ୱ.ପ୍ର.):** ସୁଧର୍ମା ମହାସଂଘ ଆନୁକୂଲ୍ୟରେ ସ୍ଥାନୀୟ ଗୁଜୁରାଟି ସମାଜରେ ଚାଲିଥିବା ତିନି ଦିନିଆ ବିଶ୍ୱ ସନାତମ ଧର୍ମର ଓ ମାଳିକାର ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଳିକା ବିଶ୍ଳେଷକ ଓ ଗବେଷକ କାଶୀନାଥ ମିଶ୍ର ଯୋଗଦେଇ ଭଗବତ ପ୍ରେମୀଙ୍କୁ ପ୍ରବଚନ ଦେଇଥିଲେ। ମନୁ୍ୟଷ ସମାଜରୁ ଦୁଃଖ, ଶୋକ, ପରିତାପରୁ ଉଦ୍ଧାର କରିବା ପାଇଁ ଭଗବାନ ଶ୍ରୀଶ୍ରୀଶ୍ରୀ ସତ୍ୟ ଅନନ୍ତ ମାଧବଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଅଞ୍ଚଳର ଭକ୍ତଙ୍କୁ ଏକତ୍ରିତ କରିବା ପାଇଁ ପ୍ରୟାସ ବୋଲି କୁହାଯାଇଛି। ସୁଧର୍ମା ମହାମହା ସଂଘର କର୍ମକର୍ତ୍ତା ପାଣ୍ଡବ ଚରଣ ପରିଡ଼ା, ମୋହନ ଚରଣ ବେହେରା, ରମାକାନ୍ତ ଦେଓ, ରଘୁନାଥ ଦ୍ୱିବେଦୀ, ଦିବାକର ପଣ୍ଡା, ମନୋଜ ସାହୁ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

### ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଗଦାଧର ସାହୁଙ୍କ ପରଲୋକ



ରେମୁଣା, ୧୬।୧୨(ଡି.ଏନ.ଏ.)- ରେମୁଣା ବ୍ଲକ ଗୁଡୁଦାପାଟଣାର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଗଦାଧର ସାହୁଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ଭାରତ ମୁକ୍ତି ସଂଗ୍ରାମର ସେ ଥିଲେ ଜଣେ ପୁରେଧା। ଏହି ସ୍ୱାଧୀନତା ସଂଗ୍ରାମୀ ଅନେକବାର କାରାବରଣ କରିଛନ୍ତି। ଶେଷ କାରାବାସ ନୀଳଗିରିରେ ହିଁ କଟିଥିବା ତାଙ୍କର ବନ୍ଧୁ ପରିଜନ କୁହନ୍ତି। ୧୦୨ ବର୍ଷରେ ମଧ ସେ ଚାଲିବାକୁ ସକ୍ଷମ ଥିଲେ । ଗଦାଧର ପଶୁପ୍ରେମୀ ଭାବେ ମଧ ବେଶ୍ ଜଣାଶୁଣା ଥିଲେ। ଗତ ୧୨ ତାରିଖ ତାଙ୍କର ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବା କାରଣରୁ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶନିବାର ସକାଳେ ସେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମରଶରୀର ଗୁଡୁଦାସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଭାରପ୍ରାପ୍ତ ତହସିଲଦାର ଆନନ୍ଦିତା ଆଚାର୍ଯ୍ୟ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଯୁବନେତା ଲକ୍ଷ୍ମୀକାନ୍ତ ଦାସ, ଶ୍ରୀକାନ୍ତ ପତି, କୁରୁଣିଆ ଆରଆଇ ନିତ୍ୟାନନ୍ଦ ସେଠୀ, ସମିତିସଭ୍ୟ ବୈକୁଣ୍ଠ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ତାଙ୍କ ସମ୍ମାନାର୍ଥେ ତାଙ୍କ ମରଶରୀର ଉପରେ ତ୍ରିରଙ୍ଗା ଆଚ୍ଛାଦିତ କରାଯାଇ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ସଂସ୍କାର କରାଯାଇଥିଲା।

# ପୁରସ୍କୃତ ହେଲେ ୩ ଯୁବ ବାହିନୀ

ବାଲେଶ୍ୱର ଅଫିସ, ୧୬।୧୨

**ଜିଲ୍ଲାସ୍ତରୀୟ ଯୁବ ସମାବେଶ**



ଜିଲ୍ଲାସ୍ତରୀୟ ଯୁବ ସମାବେଶରେ ଅତିଥିଗଣ।

ବାଲେଶ୍ୱର ଗାନ୍ଧୀ ସ୍ମୃତିଭବନ ପରିସରରେ ରବିବାର ଜିଲ୍ଲା ପ୍ରଶାସନ, ଯୁବ ସେବା ଓ କ୍ରୀଡ଼ା ବିଭାଗ ଏବଂ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ସମାବେଶ ଓ ପୁରୁଷ ବିଶ୍ୱ ହକିର ସିଧାପ୍ରସାରଣ ଆୟୋଜିତ କରାଯାଇଥିଲା। ଏଥିରେ ଶିଳ୍ପ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ, ଅତିରିକ୍ତ ଜିଲ୍ଲାପାଳ ମାନସ ରଞ୍ଜନ ପାଢ଼ୀ, ଜିଲ୍ଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମିଳିତ ଭାବେ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ବିଜୁ ଯୁବ ବାହିନୀ ତରଫରୁ ଜିଲ୍ଲାସ୍ତରୀୟ ଭଲିବଲ୍ ଏବଂ ୧୦୦-୨୦୦-୪୦୦ ମିଟର ଦୌଡ଼ରେ କୃତୀ ଖେଳାଳୀଙ୍କୁ ପୁରସ୍କୃତ କରିବା ସହ 'ମୁଁ ହିରୋ' ଯୋଜନାରେ ୫ଜଣ ଏବଂ ବିଜୁ ଯୁବ ବାହିନୀ ତରଫରୁ ୩ ଶ୍ରେଷ୍ଠ ଟିମ୍‌କୁ ପୁରସ୍କୃତ କରାଯାଇଛି।

ଜିଲ୍ଲାସ୍ତରୀୟ ଭଲିବଲ୍ ଫାଇନାଲ ମ୍ୟାଚ୍ ରବିବାର ଜଳେଶ୍ୱର ଏବଂ ରେମୁଣା ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜଳେଶ୍ୱର ୩-୨ ସେଟ୍‌ରେ ରେମୁଣାକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ୧୦୦ ମିଟର ଦୌଡ଼ରେ ପ୍ରଥମ ସୋର ବ୍ଲକ ସନ୍ତୋଷ ପାତ୍ର, ଦ୍ୱିତୀୟ ବସ୍ତା ବ୍ଲକର ଅବିନାଶ ମାଝି, ତୃତୀୟ ନୀଳଗିରି ବ୍ଲକର ଆଶିଷ ସିଂ ହୋଇଥିବା ବେଳେ ୨୦୦ ମିଟର ଦୌଡ଼ରେ ସୋର ବ୍ଲକ ସନ୍ତୋଷ ପାତ୍ର, ଦ୍ୱିତୀୟ ବସ୍ତା ବ୍ଲକର ଅଞ୍ଜନ କୁମାର ଜେନା, ତୃତୀୟ ନୀଳଗିରି ବ୍ଲକର ଉମାକାନ୍ତ ସାମଲ ଏବଂ ୪୦୦ ମିଟର ଦୌଡ଼ରେ ପ୍ରଥମ ସିମୁଳିଆ ବ୍ଲକର ରାକେଶ ସାହୁ, ଦ୍ୱିତୀୟ ବାହାନଗା ବ୍ଲକର ମାନସ ମଲ୍ଲିକ, ତୃତୀୟ ସଦର ବ୍ଲକର ନିର୍ମଳ କୁମାର ଦାସ ଉତ୍ତୀର୍ଣ୍ଣ ହୋଇଥିବାରୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। 'ମୁଁ ହିରୋ' ଯୋଜନାରୁ ନୀଳଗିରି ବ୍ଲକରୁ ଧିରେନ୍ଦ୍ର କୁମାର ଲେଙ୍କା, ସିମୁଳିଆ ବ୍ଲକରୁ ରାକେଶ କୁମାର ସାହୁ, ସଦର ବ୍ଲକରୁ ଶତାବ୍ଦୀ ଜେନା, ବସ୍ତା ବ୍ଲକରୁ ସତ୍ୟବ୍ରତ ଜେନା, ଔପଦା ବ୍ଲକରୁ ଇପ୍‌ସିତା ଅପରାଜିତା ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଜିଲ୍ଲାର ୩୯୩ଟି ବିଜୁ ଯୁବ ବାହିନୀ ଗଠନ ହୋଇଥିବା ବେଳେ ଶ୍ରେଷ୍ଠ ବିଜୁ ଯୁବ ବାହିନୀ ଭାବରେ ଖଇରା ବ୍ଲକର ଗରସଙ୍ଗ, ବସ୍ତା ବ୍ଲକର ମଥାନି, ସଦର ବ୍ଲକର ଚାନ୍ଦିପୁର ବିଜୁ ଯୁବ ବାହିନୀ ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ଏହାସହିତ ଉପସ୍ଥିତ ଥିବା ୨ହଜାରରୁ ଉର୍ଦ୍ଧ୍ୱ ଜିଲ୍ଲାର ବିଜୁ ଯୁବ ବାହିନୀ ସଦସ୍ୟମାନଙ୍କୁ ପୁରୁଷ ବିଶ୍ୱ ହକି ମ୍ୟାଚ୍‌ର ସିଧାପ୍ରସାରଣ ଏଲ୍‌ଇଡ଼ି ମାଧ୍ୟମରେ ଦେଖାଯିବାର ସୁଯୋଗ ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲା ବିଜୁ ଯୁବ ବାହିନୀର ସଂଯୋଜକ ବିଶ୍ୱମ୍ଭର ନାରାୟଣ ପ୍ରହରାଜ, ୧୨ଟି ବ୍ଲକର ସଂଯୋଜକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।





ପ୍ରାଣୀ ଚିକିତ୍ସା କ୍ଷେତ୍ର କର୍ମଚାରୀ ସମାରୋହରେ ଅତିଥି।

## ୪ ଅବସରପ୍ରାପ୍ତ ପ୍ରାଣୀଧନ ନିରୀକ୍ଷକ ସମ୍ମାନିତ

ବାଲେଶ୍ୱର ଅଫିସ, ୧୬।୧୨

ବାଲେଶ୍ୱରର ଏକ ଘରୋଇ ହୋଟେଲ ପରିସରରେ ରବିବାର ଡା. କ୍ଷେତ୍ରମୋହନ ମହାନ୍ତିଙ୍କ ଦ୍ୱିତୀୟ ମେମୋରିଆଲ ପ୍ରାଣୀ ଚିକିତ୍ସା କ୍ଷେତ୍ର କର୍ମଚାରୀ ସମାରୋହ ଓଡ଼ିଶା ପ୍ରାଣୀ ବିକାଶ ସମିତି ବାଲେଶ୍ୱର ଶାଖା ପକ୍ଷରୁ ପାଳିତ ହୋଇଯାଇଛି। ପ୍ରାଣୀ ବିକାଶ ସମିତିର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡା. ଦୟାନିଧି ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ନିର୍ଦ୍ଦେଶକ ଏବଂ ବୈଜ୍ଞାନିକ ଡା. ଜଗନ୍ନାଥ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାଣୀ ଚିକିତ୍ସକମାନଙ୍କର ଅବଦାନ ସମାଜ ପାଇଁ ଅତୁଳନୀୟ। ଏମାନଙ୍କୁ ସମାଜରେ ପ୍ରତିଷ୍ଠା ସହିତ ସମ୍ମାନ ମିଳିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ୪ଜଣ ଅବସରପ୍ରାପ୍ତ ପ୍ରାଣୀଧନ ନିରୀକ୍ଷକ ତଥା ଗୋଉନ୍ନୟନ ଅଧିକାରୀ ଭାଗିରଥି ମହାନ୍ତି, ରମାକାନ୍ତ ପଣ୍ଡା, ସୁଦାମ ଚରଣ ମହାନ୍ତି, ଗଙ୍ଗାଧର ମାହାର୍ଣ୍ଣାଙ୍କର ଜୀବନବ୍ୟାପୀ କର୍ତ୍ତବ୍ୟ ସମ୍ପାଦନା ପାଇଁ 'ଡା. କ୍ଷେତ୍ରମୋହନ ମହାନ୍ତି ମେମୋରିଆଲ' ସମ୍ମାନ ପ୍ରଦାନ କରାଯାଇଥିଲା।

ଏହି ଅବସରରେ କାର୍ଯ୍ୟରତ ପ୍ରାଣୀଧନ ନିରୀକ୍ଷକମାନଙ୍କ ପାଇଁ ଏକ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟର ପ୍ରଫେସର ଡା. ବିନୟ ପାତ୍ର, ପ୍ରଫେସର ଡା. ଅଞ୍ଜନ ଦାସ ଯଥାକ୍ରମେ କୃତ୍ରିମ ପ୍ରଜନନ ଓ ପ୍ଲାବିତ ଭେଷଜ ଚିକିତ୍ସା ଉପରେ ତାଲିମ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଡା. ଲକ୍ଷ୍ମୀନାରାୟଣ ଦାସ, ସମ୍ପାଦକ ଡା. ସତ୍ୟନାରାୟଣ ମହାପାତ୍ର, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡା. ନିତ୍ୟାନନ୍ଦ ଦାସ, ଡା. ତନୟ ରତନ ପତି, ଡା. ଦୋଳଗୋବିନ୍ଦ ନାୟକ, ଡା. ଅନିଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟରତ ୪୦ଜଣ ପ୍ରାଣୀଧନ ପରିଦର୍ଶକ ଓ ୭ଜଣ ଅବସରପ୍ରାପ୍ତ ପ୍ରାଣୀଧନ ପରିଦର୍ଶକ, ବିଭିନ୍ନ ଔଷଧ ନିର୍ମାଣକାରୀ ସଂସ୍ଥାର କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।



କୁରୁଣ୍ଟା ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ■ ୧୨ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

# ଯୋଜନା ବିଷୟରେ ବୁଝାଇଲେ ଅଧିକାରୀ, ଲୋକପ୍ରତିନିଧି

ଖଇରା, ୧୬।୧୨(ଡି.ଏନ.ଏ.)

ଓଡିଶା ସରକାରଙ୍କ ଦ୍ୱାରା ଆୟୋଜିତ ପିଠା କାର୍ଯ୍ୟକ୍ରମ ୨ଦିନ ଧରି ଖଇରା ବ୍ଲକ ୧୨ଟି ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। କୁରୁଣ୍ଟା ପଞ୍ଚାୟତରେ ଆୟୋଜିତ ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସାମଲ ପୌରୋହିତ୍ୟ କରିଥିଲେ। ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସରପଞ୍ଚ ଦମୟନ୍ତୀ ପଣ୍ଡା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୌରାଙ୍ଗ ପାଢୀ, ଜିଲ୍ଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବ୍ରଜକିଶୋର ମହାନ୍ତି, ଯୁବନେତା ମାନସ ଦାଶ, ସୁପରଭାଇଜର ବୀଣାପାଣି ଦାସ, ସ୍ୱାସ୍ଥ୍ୟ ପରିଦର୍ଶିକା ସଂଯୁକ୍ତା ରାଣୀ ଦାସ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ମଧୁବାବୁ ପେନସନ, ଓଡିଶା ନିର୍ମାଣ ଶ୍ରମିକ ଭଳି ୧୪ଗୋଟି ଯୋଜନା ଉପରେ ସାଧାରଣ ଲୋକଙ୍କୁ ମିଳୁଥିବା ସୁବିଧା ଉପରେ ଆଲୋକପାତ କରିଥିଲେ। ସାରଡାଙ୍ଗ ପଞ୍ଚାୟତରେ ସରପଞ୍ଚ ହରିହର କୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସିଡିଏମଓ ବିବେକାନନ୍ଦ ଦାସ, ବିଡିଓ ମହେଶ ଚୌଧୁରୀ, ସମିତିସଭ୍ୟା ଦିଲୀପ ବେହେରା, ସିଡିପିଓ ନର୍ମଦା ଦେଓ, ନିର୍ବାହୀ ଅଧିକାରୀ ଦେବେନ୍ଦ୍ର କୁମାର ଦାସ, ହିସାବ ରକ୍ଷକ ଅନିରୁଦ୍ଧ ପଣ୍ଡା, ବିପିଏମ ରବୀନ୍ଦ୍ର ଜେନା, ପ୍ରାଣୀଧନ ନିରୀକ୍ଷକ ଅର୍ଜୁନ ଜେନା, ବିଦ୍ୟୁତ ବିଭାଗ ଏସ୍‌ଡିଓ ମୀନକେତନ ମହାପାତ୍ର ପ୍ରମୁଖ ବକ୍ତା ଭାବେ ଯୋଗଦେଇ ସରକାରଙ୍କ ପକ୍ଷରୁ ୪ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରିଥିବା ରମେଶ ସାମଲ, ପଦ୍ମାବତୀ ଚକ୍ର, ଭରତ ମାଝି, ଶରତ ମାଝି, ବସନ୍ତ ବେହେରାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ନନ୍ଦୁରୁ, ମହତୀପୁର, ସୁଣ୍ଡିରା, ଶ୍ୟାମସୁନ୍ଦରପୁର, ମାଖନପୁର, ଜଳଦା, ଗୋବିନ୍ଦପୁର, ଡଗରପଡା, ଅଚ୍ୟୁତପୁର, ଗଗନଧୂଳିଠାରେ ଗାୟକ ଛାୟାକାନ୍ତ ମହାନ୍ତିଙ୍କ ଦ୍ୱାରା ସଚେତନତା ପାଲା ପରିବେଷଣ କରାଯାଇଥିଲା।

## ନିଆଁ ଲାଗି ଧାନ ଜଳିଗଲା

ବାଲିଆପାଳ, ୧୬।୧୨(ଡି.ଏନ.ଏ.)

ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁରୁଖି ଓ କାଳରୁଇ ଗ୍ରାମର ୨ ଜଣ ବ୍ୟକ୍ତିଙ୍କ ଧାନ ବିଲରେ ନିଆଁଲାଗି ୧ଏକର ପାଚିଲା ଧାନ ଜଳିଯାଇଛି। ଏବେ ଲୋକମାନେ ମେଶିନ୍ ସାହାଯ୍ୟରେ ଧାନ କାଟି ବିଲରେ ନଡ଼ାଗୁଡ଼ିକରେ ନିଆଁ ଲଗାଇଦେଉଛନ୍ତି। ଫଳରେ ପାଖ ଜମିରେ ଥିବା ଧାନ ଗଛଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହେଉଛି। ପଞ୍ଚରୁଖି ଗ୍ରାମର ଜୟନାରାୟଣ କାମିଲାଙ୍କ ଦେଢ଼ ଏକର ଓ କାଳରୁଇ ଗ୍ରାମର ଅମୂଲ୍ୟ ଘଡ଼ାଇଙ୍କ ୧୪ଡିସମିଲ ଜମିରେ କଟାଯାଇ ନ ଥିବା ଧାନଗଛରେ ନିଆଁ ଲାଗିଯାଇଥିଲା। ରବିବାର ସକାଳେ ଉଭୟେ ଏହା ଦେଖି ବାଲିଆପାଳ ତହସିଲରେ ଅଭିଯୋଗ କରିଥିଲେ। ଅତିରିକ୍ତ ତହସିଲଦାର ନମିତା ଧଳଙ୍କ ନିର୍ଦ୍ଦେଶରେ ବାଲିଆପାଳ ଆରଆଇ ଶରତ ବେହେରା ପହଞ୍ଚି ତଦନ୍ତ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ଅତିରିକ୍ତ ତହସିଲଦାର ନମିତା ଧଳ କହିଛନ୍ତି।



ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ କରାଯାଉଛି।

## ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ

କୋଲିମାଟି, ୧୬।୧୨(ଡି.ଏନ.ଏ.)

ଆନନ୍ଦପୁର ଦେଓଗାଁ ବନାଞ୍ଚଳ ତରଫରୁ ଆମ ଜଙ୍ଗଲ ଯୋଜନାରେ ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ କରାଯାଇଛି। ବନ ସୁରକ୍ଷା ସମିତି ଘସିପୁରା ଓ ସାମୁକାନାଣ୍ଡି ପଞ୍ଚାୟତ ତଳନଟିଆ ସାହିରେ ଭଣ୍ଡାରିଢିହା ପ୍ରମିଳା ଭାରତ ଗ୍ୟାସ ପକ୍ଷରୁ ୫୦ ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ଦେଓଗାଁ ବନାଞ୍ଚଳର ବନପାଳ ଅଶୋକ କୁମାର ପଟ୍ଟନାୟକ, ବନରକ୍ଷୀ ନିରୂପମା ମିଶ୍ର, ଆମ ଜଙ୍ଗଲ ଯୋଜନାର ଟିମ ଲିଡର ଗୌରାଙ୍ଗ ଚରଣ ମହାନ୍ତ, ଆମ ଜଙ୍ଗଲ ଯୋଜନାର ଉନ୍ନୟନ ଅଧିକାରୀ ଛବିନ୍ଦ୍ର ପାତ୍ର, ଭାରତ ଗ୍ୟାସ ଡିଲର ବଳରାମ ଜେନା, ବନ ସୁରକ୍ଷା ସମିତିର ସଭାପତି ରାତୁ କିସ୍କୁ, କୋଷାଧ୍ୟକ୍ଷ ରବି ହେମ୍ବ୍ରମ ଏବଂ ଆନିମିଟରପରୁ ବାସ୍କେ ସହଯୋଗ କରିଥିଲେ।



ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ଶରତ ଦଳ ଚାମ୍ପିୟନ

ଔପଦା, ୧୬।୧୨(ଡି.ଏନ.ଏ.)

ଔପଦା ବ୍ଲକ ରଙ୍ଗାମାଟିଆ ମିନି ଷ୍ଟାଡ଼ିୟମରେ ବାବା ଅନନ୍ତ ମହାମୁନୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ନୀଳଗିରି କଂଗ୍ରେସ ଯୁବନେତା ଆଶିଷ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ରାଏରାମଚନ୍ଦ୍ରପୁର ସରପଞ୍ଚ ଉଦୟ କୁମାର ସ, ରତିକାନ୍ତ ନାୟକ, ଅନନ୍ତ ମହାମୁନୀ କ୍ରୀଡ଼ା ପରିଷଦର ସଭାପତି ହରେକୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ୍ ମୟୂରଭଞ୍ଜ ଶରତ ଦଳ ଓ କେଉଁଝର ଅନ୍ଧେରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୦ ଗୋଲରେ ଶରତ ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିର୍ମଳା ବିଶ୍ୱାଳ ଓ ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସନ୍ତୋଷ ଖଟୁଆ ଉପସ୍ଥିତ ରହି ଚାମ୍ପିୟନ ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏଥିରେ କାର୍ତ୍ତିକେଶ୍ୱର ପଣ୍ଡା, ସଚିନ୍ଦ୍ର ଦାସ, ଅନିରୁଦ୍ଧ ନାୟକ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ବିଚିତ୍ର ପୁହାଣ, ମହେଶ୍ୱର ବିଶ୍ୱାଳ, ଅର୍ଜୁନ ନାୟକ, ଗଦାଧର ନାୟକ, ପୂର୍ଣ୍ଣଚନ୍ଦ୍ର ମିରିଡ଼ିଆ, ଜୟନ୍ତ ନାଇକି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଢେଙ୍କିକୋଟରେ ଲକ୍ଷ୍ମୀନାରାୟଣ ପୂଜା

ଢେଙ୍କିକୋଟ, ୧୬।୧୨(ଡି.ଏନ.ଏ.)

ଢେଙ୍କିକୋଟ ଲକ୍ଷ୍ମୀନାରାୟଣ ପୂଜା କମିଟି ତରଫରୁ ରବିବାର ଲକ୍ଷ୍ମୀନାରାୟଣ ପୂଜା ହୋଇଯାଇଛି। ଘଟଗାଁ ବ୍ଲକର ଏହା ଏକମାତ୍ର ପୂଜା ମଣ୍ଡପ ହୋଇଥିବାରୁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଛି। ପୂଜା କମିଟିର ନୀତି ନିୟମାନୁଯାୟୀ ଅପରାହ୍ନରେ କଳସ ଆଣିବା ପରେ ସଂକଳ୍ପଧାରୀ ଯଥାବିଧି ପୂଜାରମ୍ଭ ହୋଇଛି। ଭକ୍ତ ନିସ୍ତାର ସହ ନିର୍ଜଳା ଉପବାସ ରହି ଭକ୍ତିର ସହ ପୂଜା କରୁଛନ୍ତି। ପୂଜାମଣ୍ଡପକୁ ସୁଉଚ୍ଚ ରଙ୍ଗୀନ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳା ଶୋଭା ବଢ଼ାଇଛି। ସଂକଳ୍ପଧାରୀ ସୁରେଶ ଚନ୍ଦ୍ର ସାହୁ, ଶ୍ରୀଧର ରାଉଳ, ଲକ୍ଷ୍ମୀଧର ନାଥ, ଝୁଲୁ ବେଜେ, ଓ ନିମାଇଁ ଚରଣ ବେଜେ ପ୍ରଭୁଙ୍କ ପୂଜା ନିମନ୍ତେ ମାଟି ଉଠାଇବାଠାରୁ ନିସ୍ତାର ସହ ଅରୁଆ ଅନ୍ନ ପାଇ ରହି ଆସୁଛନ୍ତି। କମିଟିର ସଭାପତି ମୋହନ ଚରଣ ନାଥ, ସମ୍ପାଦକ ରବୀନ୍ଦ୍ର ନାୟକ ଏବଂ ସକ୍ରିୟ ସଦସ୍ୟ ରମାକାନ୍ତ ନାଏକ, ତ୍ରିଲୋଚନ ସାହୁ, ବୃନ୍ଦାବନ ନାଏକଙ୍କ ବଳିଷ୍ଠ ଉଦ୍ୟମ ଯୋଗୁଁ ପ୍ରଭୁଙ୍କ ପୂଜା ପାଳନ ହେଉଛି।



ଲକ୍ଷ୍ମୀନାରାୟଣଙ୍କୁ ପୂଜା କରାଯାଉଛି।

## ଶ୍ରୀଗୁରୁକୁଳର ନୂତନ ଛାତ୍ରାବାସ ଉଦ୍‌ଘାଟିତ

ଢେଙ୍କିକୋଟ, ୧୬।୧୨(ଡି.ଏନ.ଏ.)

ଘଟଗାଁ ବ୍ଲକ ଗଦାଧରପୁର ପଞ୍ଚାୟତ କୁଡ଼ଟାଙ୍ଗରାରେ ଥିବା ଶିକ୍ଷାନୁଷ୍ଠାନ ଶ୍ରୀଗୁରୁକୁଳର ନୂତନ ଛାତ୍ରାବାସ ଓ କ୍ୟାଣ୍ଟିନ ଉଦ୍‌ଘାଟିତ ହୋଇଯାଇଛି। ସଭାରେ ସେବା ଫାଉଣ୍ଡେଶନର ଅଧ୍ୟକ୍ଷ ଇଂ ସୁବ୍ରତ କୁମାର ସାହୁ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀରେ ମୁଖ୍ୟ ଅତିଥି ଭାବେ ଡା. ସୁବ୍ରତ କୁମାର ଦାସ, ମୁଖ୍ୟବକ୍ତା ବିରଜା କ୍ଷେତ୍ରର ବିରଜା ପାଞ୍ଜି ପରିଷଦର ସଭାପତି ପଞ୍ଚାନନ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ବାଲେଶ୍ୱର ବ୍ଲାଇଣ୍ଡ ସ୍କୁଲର ଅଧ୍ୟକ୍ଷ ଦିବାକର ସ, ସମାଜସେବୀ ଶ୍ରୀମତୀ ସୁବତ୍ର ମିଶ୍ର ଯୋଗ ଦେଇଥିଲେ। ଅଧ୍ୟକ୍ଷ ଅଖିଳ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ତନ୍ମୟ ମିଶ୍ର ଉପସ୍ଥିତ ରହିଛନ୍ତି। ଛାତ୍ରାବାସର ନୂତନ ଗୃହ ଏବଂ ଖାଦ୍ୟ ପାନୀୟ ନିମନ୍ତେ ଆବଶ୍ୟକ କ୍ୟାଣ୍ଟିନକୁ ଅଧ୍ୟକ୍ଷ ଇଂ. ସତ୍ୟବ୍ରତ ସାହୁ ଉଦ୍‌ଘାଟନ କରିଥିଲେ।

# ସାର୍ବଜନୀନ ଦୁର୍ଗାପୂଜା କମିଟିର ସାଧାରଣ ବୈଠକ

ଘସିପୁରା, ୧୬।୧୨(ଡି.ଏନ.ଏ.)

ଆନନ୍ଦପୁର ସାର୍ବଜନୀନ ଦୁର୍ଗପୂଜା କମିଟିର ସାଧାରଣ ବୈଠକ ରବିବାର ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାପୂଜା କମିଟିର ସମ୍ପାଦକ ଅସିତ୍ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ବୈଠକରେ କମିଟିର କାର୍ଯ୍ୟକାରୀ ସଭାପତି ଦୁର୍ଗା ଚରଣ ଦଳେଇ, ସମ୍ପାଦକ ଦେବେନ୍ଦ୍ର ଖୁଣ୍ଟିଆ, କମିଟି ସଦସ୍ୟ ସୁଶିଲ ହୋତା, ନିରାକାର ସାହୁ, ଶଶିରଞ୍ଜନ ପଟ୍ଟନାୟକ, ଅଶୋକ ସାହୁ, ପବିତ୍ର ମୋହନ ବେହେରା, ଲକ୍ଷ୍ମୀଧର ମିଶ୍ର, ବିନୋଦ ବିହାରୀ ମିଶ୍ର, ପରମେଶ୍ୱର ରାମ, ରାମଚନ୍ଦ୍ର ସାହୁ, ପ୍ରସନ୍ନ ମିଶ୍ର, ବାବନା ପଟ୍ଟନାୟକ, ରବୀନ୍ଦ୍ର ରାମ, ରବିନାରାୟଣ ହୋତା, ମହେନ୍ଦ୍ର ମହାପାତ୍ର, ଶିବାନନ୍ଦ ଧଳ, ବିଶ୍ୱନାଥ ସାହୁ, ଜ୍ୟୋତିରଞ୍ଜନ ଜେନା, ନିରାକାର ଦଳେଇ, ସୋନିଆ ମିଶ୍ର, ବୁଲୁ ପାଢ଼ୀ, ମୁରଲୀଧର ମିଶ୍ରଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ରହିଥିଲେ। ୨୦୧୮ ଦୁର୍ଗାପୂଜାର ଆୟବ୍ୟୟ ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୧୮ରେ ୮୬ ହଜାର ଟଙ୍କା ବଳକା ରହିଥିବା ବେଳେ ଆଗାମୀ ଦିନରେ ଦୁର୍ଗା ମଣ୍ଡପର ଛାତ ମରାମତି ସହ ନୂତନ ମେଢ଼ କରାଯିବାକୁ ସ୍ଥିର ହୋଇଥିଲା।



ବୈଠକରେ ଉପସ୍ଥିତ କମିଟିର କର୍ମକର୍ତ୍ତା।

# ମାନବିକତା ଭୁଲିଗଲା ପୋଲିସ

## ୧୨ ଘଣ୍ଟା ପରେ ବନ୍ଦ କୋଠରିରୁ ନାବାଳକ ଉଦ୍ଧାର

ଯୋଡ଼ା, ୧୬।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲ୍ଲା ଯୋଡ଼ା ସହରସ୍ଥିତ ହୁଡିସାହିଠାରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୧୦ ଘଣ୍ଟା ଧରି ବନ୍ଦ କୋଠରିରେ ରହିବା ପରେ ଜଣେ ନାବାଳକଙ୍କୁ ଉଦ୍ଧାର କରିବା ଘଟଣା ଉକ୍ତ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଶନିବାର ରାତି ୧୦ଟା ସମୟରେ ପୋଲିସ ଏକ ଅଭିଯୋଗକୁ ଭିତ୍ତିକରି ହୁଡିସାହିର ସାଗର ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଥାନାକୁ ଆଣିଥିଲା। ଉକ୍ତ ମାମଲା ପାରିବାରିକ ଘଟଣା ହୋଇଥିବାରୁ ଅଭିଯୋଗକାରୀଙ୍କ ଉପସ୍ଥିତିରେ ଘରକୁ ପୋଲିସ ଦ୍ୱାରା ତାଲା ମରାଯାଇଥିଲା। ରବିବାର ସକାଳେ ତାଲା ମରାଯାଇଥିବା ଘରର ଝରକା ପାଖରୁ ୧୨ ବର୍ଷର ନାବାଳକଙ୍କ ଡାକ ପଡୋଶୀ ଲୋକେ ଶୁଣିଥିଲେ। ନାବାଳକ ଜଣଙ୍କୁ ପଚାରିବାରୁ ଘର ଭିତରେ ଥିଲି। ମଉସାଙ୍କୁ ପୋଲିସ ନେଇଗଲା। ଘର ଭିତରେ ଦୀର୍ଘ ସମୟ ଧରି ରହିଛି। ଶୌଚ କରିପାରି ନ ଥିବାରୁ ମାନସିକ ଯନ୍ତ୍ରଣା ପାଇଛନ୍ତି ବୋଲି ସେ କହିଥିଲେ।

ଉକ୍ତ ଘଟଣା ଜଣାପଡ଼ିବା ପରେ ପୋଲିସ ପହଞ୍ଚି ଘରର ତାଲା ଖୋଲି ନାବାଳକଙ୍କୁ ଉଦ୍ଧାର କରିଥିଲା। ଯୋଡ଼ା ଥାନା ସବଇନ୍ସପେକ୍ଟର ରଞ୍ଜିତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ହୁଡିସାହିର ସାଗରଙ୍କ ପ୍ରଥମ ସ୍ତ୍ରୀ ସ୍ୱାମୀଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ସାଗରଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ତାଲା ମରାଯିବା ସମୟରେ ଭିତରେ ନାବାଳକ ଜଣଙ୍କ ଥିବା ଜଣାପଡି ନ ଥିଲା। ଏ ନେଇ କୌଣସି ମାମଲା ହୋଇ ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ସାଗରଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ସହ ଯୋଡା ମହିଳାସମିତି ପକ୍ଷରୁ ଥାନାରେ ଅନ୍ୟ ଏକ ଅଭିଯୋଗ ହୋଇଛି। ସାଗରଙ୍କୁ ପୋଲିସ ବିନା ଏତାଲାରେ ଘରୁ ଉଠାଇଛି। କୌଣସି ମାମଲା ରୁଜୁ ନ କରି ମାନବିକତା ଭୁଲି ଘରେ ନାବାଳକଙ୍କୁ ତାଲା ପକାଇ ପଳାଇ ଆସିଛି। ବିନା କାରଣରେ ଅଟକ ରଖା ଯାଇଥିବା ଅଭିଯୋଗ ହୋଇଛି। ପୋଲିସର ଏପରି କାର୍ଯ୍ୟକଳାପକୁ ମହିଳା ସମିତି ପକ୍ଷରୁ ନିନ୍ଦା କରାଯାଇଛି।

